

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 APRIL 2023
Vol.No. 34 ■ No. 101 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଜେପି ଜାରି କଲା ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା



ନୂଆଦିଲ୍ଲୀ, ୧୭/୦୪ : କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପାଇଁ ଆଜି ବିଜେପି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି । ଏହି ତାଲିକାରେ ବିଜେପି ବଡ଼ ନିଷ୍ପତ୍ତି ନେଇଛି । ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ଜଗଦୀଶ ଶେଟ୍ଟାର ଯେଉଁ ଆସନରୁ ଲଢ଼ିବାକୁ ଜିଦ କରି ବିଜେପି ଛାଡ଼ିଥିଲେ, ସେଠାରେ ଦଳ ମହେଶ ଟେଙ୍ଗିନାକାଇଙ୍କୁ ପ୍ରାର୍ଥୀ କରିଛି । ମହେଶ ହେଉଛନ୍ତି ବିଜେପିର ସାଧାରଣ ସମ୍ପାଦକ । ସେ ଏବେ ହୁବ୍ବାଲି-କେନ୍ଦ୍ରୀୟ ନିର୍ବାଚନ ମଣ୍ଡଳୀରୁ ବିଜେପି ଟିକେଟରେ ନିର୍ବାଚନ ଲଢ଼ିବେ । ଜଗଦୀଶ ବିଜେପି ଛାଡ଼ି ଆଜି କଂଗ୍ରେସରେ ମିଶିଛନ୍ତି । ସମ୍ଭବତଃ କଂଗ୍ରେସ ତାଙ୍କୁ ହୁବ୍ବାଲି-କେନ୍ଦ୍ରୀୟ ଆସନରୁ ପ୍ରାର୍ଥୀ କରିପାରେ । ତେଣୁ ଏଠାରେ ମହେଶ ବନାମ ଜଗଦୀଶ ଲଢ଼େଇ ଦେଖିବାକୁ ମିଳିପାରେ । ଅନ୍ୟପକ୍ଷରେ ବର୍ତ୍ତମାନର ବିଜେପି ବିଧାୟକ ଅରବିନ୍ଦ ଲିମ୍ବାଭାଲିଙ୍କ ଟିକେଟ ଦଳ ଏଥର କାଟି ଦେଇଛି । ଏଥର ମହାଦେବପୁରା ନିର୍ବାଚନ ମଣ୍ଡଳୀରୁ ତାଙ୍କ ପତ୍ନୀ ମଞ୍ଜୁଳା ନିର୍ବାଚନ ଲଢ଼ିବେ । କୋପ୍ପାଲ ନିର୍ବାଚନ ମଣ୍ଡଳୀ ଛାଡ଼ି ଦେବାର ଧମକ ଦେଇଥିବା କାରାଡି ସାଙ୍ଗାନ୍ନା ଅମରପ୍ପାଙ୍କୁ ମଧ୍ୟ ବିଜେପି ଟିକେଟ ଦେଇ ନାହିଁ । ତାଙ୍କ ବଦଳରେ ତାଙ୍କ ଝିଅ ମଞ୍ଜୁଳା ମହେଶଙ୍କୁ ଦଳ କୋପ୍ପାଲ ଆସନରୁ ପ୍ରାର୍ଥୀ କରିଛି । ବିଜେପି ଏହାକୁ ମିଶାଇ କର୍ଣ୍ଣାଟକା ବିଧାନସଭାର ୨୨୪ଟି ଆସନରୁ ୨୨୨ଟିରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ସାରିଲାଣି । ବିଜେପି ପ୍ରଥମ ପର୍ଯ୍ୟାୟରେ ୧୮୯ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା । ଏଥିରେ ଦଳର ବରିଷ୍ଠ ନେତା ତଥା ଏମଏଲସି ଲକ୍ଷ୍ମଣ ସାବାଡିଙ୍କ ନାଁ ନଥିବାରୁ ସେ ବିଜେପି ଛାଡ଼ି କଂଗ୍ରେସରେ ମିଶିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଦଳ ୨୩ ଜଣଙ୍କ ନାଁ ଘୋଷଣା କରିବା ପରେ ଜଗଦୀଶ ରବିବାର ବିଜେପି ଛାଡ଼ିଥିଲେ । ସେ ସୋମବାର କଂଗ୍ରେସରେ ମିଶିଛନ୍ତି । ଏମାନଙ୍କ ବ୍ୟତୀତ ଅନେକ ବିଜେପି ବିଧାୟକ ଓ ନେତା ମଧ୍ୟ ଦଳ ଛାଡ଼ିଛନ୍ତି । ମେ' ୧୦ରେ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପାଇଁ ଭୋଟ ହେବ ଓ ୧୩ ତାରିଖରେ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ ।

# ସମ୍ବଲପୁର ହିଂସା ଘଟଣାରେ ବଢ଼ୁଛି ଗିରଫଦାରି : ସଂଖ୍ୟା ପହଞ୍ଚିଲା ୮୫ରେ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ସମ୍ବଲପୁର ସହରରେ ସ୍ୱାଭାବିକ୍ ସ୍ଥିତି ଫେରାଇ ଆଣିବା ପାଇଁ ଯଥୋଚିତ ଉଦ୍ୟମ କରୁଛି ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ । ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ଗୋଟିଏ ପରେ ଘନଘନ ବୈଠକ ବସୁଛି, ଆଉ ଗୋଟିଏ ପଟେ ପୁଲିସ୍ ପହରା ଭିତରେ ରହିଛି ସମ୍ବଲପୁର ସହର । ସହରରେ କର୍ଫ୍ୟୁ ବଳବତର ରହିଛି, ଇଣ୍ଟରନେଟ୍ ସେବାକୁ ଆହୁରି ୨୪ ଘଣ୍ଟା ବନ୍ଦ ରଖାଯାଇଛି ଏବଂ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୋହଳ କଟକଣାର ଅବଧିକୁ ବଢ଼ାଇ ଦିଆଯାଇଛି । ଆଉ ଏହାରି ଭିତରେ ହିଂସାକାଣ୍ଡରେରେ ସମ୍ପୃକ୍ତ ଥିବା ଲୋକଙ୍କ ସଂଖ୍ୟ ବଢ଼ିବାରେ ଲାଗିଛି । ସମ୍ବଲପୁର ସହରର ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ନୋ-ଟଲରେନ୍ସ ନୀତି ଆପଣାଇଛି ଜିଲ୍ଲା ପ୍ରଶାସନ । ୧୨ ତାରିଖ ପଥରମାଡ଼ ଘଟଣାରେ ଆଉ ୩ଜଣଙ୍କ ବାନ୍ଧିଛି ପୁଲିସ୍ । ସେହିପରି ୧୪ ତାରିଖ ଦୋକାନ ଭଙ୍ଗାରୁଜା ଘଟଣାରେ ଆଉ ୩ ଜଣଙ୍କୁ ଗିରଫ କରାଯାଇଛି । ବର୍ତ୍ତମାନ ଗିରଫଦାରୀ ସଂଖ୍ୟା ୮୫କୁ ଛୁଇଁଛି । କେବଳ ସେତିକି ନୁହେଁ ସିସିଟିଭି ଓ ଭିଡିଓ ଫୁଟେଜ୍ ଆଧାରରେ ଆଉ କିଛି ଲୋକଙ୍କୁ ଚିହ୍ନଟ କରିଛି ସମ୍ବଲପୁର ପୁଲିସ । ଏହି ଗିରଫଦାରୀ ସଂଖ୍ୟା ବଢ଼ିବାର ମଧ୍ୟ ସମ୍ଭାବନା ରହିଛି । ଏପଟେ ସମ୍ବଲପୁର ସହରରେ କର୍ଫ୍ୟୁ କଟକଣା ଆହୁରି କୋହଳ ହୋଇଛି । ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି ପାଇଁ ପୂର୍ବରୁ ୨ ଘଂଟିଆ କୋହଳ କରାଯାଇଥିଲା । ଏହାର ସମୟ ଅବଧିକୁ ବୃଦ୍ଧି କରାଯାଇଛି । ସକାଳେ ସାଢ଼େ ୭ରୁ ୧୧ ଏବଂ ଅପରାହ୍ନରେ ସାଢ଼େ ୩ଟାରୁ ୬ଟା ଯାଏଁ କର୍ଫ୍ୟୁ କଟକଣା କୋହଳ କରାଯାଇଛି । ଏସବୁ ଭିତରେ ହନୁମାନ ଜୟନ୍ତୀ ବାଇକ୍ ରାଲି ସମୟରେ ଘଟିଥିବା ହିଂସାକାଣ୍ଡ ନେଇ ବରେଇପାଲି ଥାନା ଆଇଆଇସି ଧୀରେନ୍ଦ୍ର କୁମାର ସ୍ୱାଇଁ ଦାଖଲ କରିବା ଲିଖିତ ଅଭିଯୋଗରେ ଚିନ୍ତାଜନକ ତଥ୍ୟ ରଖିଛନ୍ତି । ଏଥିରେ କୁହାଯାଇଛି- ବାଇକ୍ ରାଲି ମୋତିଝରନ୍ ଛକରେ ପହଞ୍ଚିବା ପରେ ଅଚନାକ୍ ଅନ୍ୟ ସମ୍ପ୍ରଦାୟର ୨୦୦ରୁ ▶▶ପୃଷ୍ଠା ୭



## ବିଜୁବାବୁଙ୍କ ଜୀବନୀ ହେଉଛି ଆଧୁନିକ ଓଡ଼ିଶାର ବିକାଶର ଇତିହାସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ କହିଛନ୍ତି ଯେ ଆଜି ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ । ଏହି ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ବିଜୁବାବୁଙ୍କ ଜୀବନୀ ହେଉଛି ଆଧୁନିକ ଓଡ଼ିଶାର ବିକାଶର ଇତିହାସ । କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି । ସେ ଥିଲେ ତାଙ୍କ ସମୟଠାରୁ ବହୁତ ଆଗରେ । ଶିଳ୍ପ ବିକାଶ ହେଉ ବା ଭିତ୍ତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତିକରଣ ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି । ଗରିବ ଲୋକଙ୍କ ସଶକ୍ତିକରଣ ତଥା ମା'ମାନଙ୍କ ସଶକ୍ତିକରଣ ତାଙ୍କର କାର୍ଯ୍ୟକ୍ରମ ସଶକ୍ତ ଓଡ଼ିଶାର ଲକ୍ଷ୍ୟକୁ ସୁଦୃଢ଼ କରିଛି । ଜଣେ ଓଡ଼ିଆ ଭାବରେ ସେ ଗର୍ବ କରୁଥିଲେ । ଆଜି ତାଙ୍କରି ପାଇଁ ଓଡ଼ିଆ ଜାତି ଗର୍ବିତ । ସାହସ ଓ ସ୍ୱାଭିମାନ ଥିଲା ▶▶ପୃଷ୍ଠା ୭

# ଜାତିଭିତ୍ତିକ ଜନଗଣନା ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ



ନୂଆଦିଲ୍ଲୀ, ୧୭/୦୪ : ଜାତିଭିତିକ ଜନଗଣନା ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଲେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ଏହି ଚିଠିକୁ କଂଗ୍ରେସର ଅଫିସିଆଲ ଟୁଇଟର ପେଜରେ ମଧ୍ୟ ଦଳ ସେୟାର କରିଛି । ଚିଠିରେ ଖଡ଼ଗେ ଲେଖିଛନ୍ତି ପ୍ରତି ଦଶ ବର୍ଷରେ ହେଉଥିବା ଜନଗଣନା ହୁଏ କିନ୍ତୁ ୨୦୨୧ ମସିହାରେ କରାଯାଇନି । ଏହା ଯୋଗୁଁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ପୂର୍ଣ୍ଣାଙ୍ଗ ହୋଇପାରୁନି । ପଛୁଆବର୍ଗଙ୍କ ପାଇଁ ସମସ୍ୟା ଆସୁଛି । ତେଣୁ ପୁଣି ଥରେ ଜାତିଭିତିକ ଜନଗଣନା ଶୀଘ୍ର କରାଯାଉ । ୨୦୧୧-୧୨ ମସିହାରେ ୨୫କୋଟି ପରିବାରକୁ ଅର୍ନ୍ତଭୁକ୍ତ କରିବା ପାଇଁ ପ୍ରଥମ ଥର ପାଇଁ ସାମାଜିକ ଆର୍ଥିକ ଓ ଜାତିଗଣନା ଆରମ୍ଭ କରାଯାଇଥିଲା ।

# ୪୦ ଉପରେ ୨୪ ସହର : ବାରପଦାରେ ୪୪.୨ ଡିଗ୍ରୀ



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ । ତାତି କମିବାର ନାଁ ନେଉନାହିଁ । ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ସୋମବାର ମଧ୍ୟ ପୂର୍ବଭଳି ସ୍ଥିତି ଦେଖିବାକୁ ମିଳିଛି । ରାଜ୍ୟର ୨୪ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ରେକର୍ଡ କରାଯାଇଛି । ବାରିପଦାରେ ସୋମବାର ସର୍ବୋଚ୍ଚ ଦିନ ତାପମାତ୍ରା ୪୪.୨ ଡିଗ୍ରୀ ରେକର୍ଡ ହୋଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ର ସୂଚନା ଅନୁଯାୟୀ ସୋମବାର ବୌଦ୍ଧ ଓ ନୂଆପଡ଼ା ଦ୍ୱିତୀୟ ସର୍ବାଧିକ ଉତପ୍ତ ସହର ଭାବେ ୪୩. ୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଝାରସୁଗୁଡ଼ାରେ ୪୩.୪ ଥିବା ସେହିପରି ତାଳଚେର ଓ ସମ୍ବଲପୁର ରେ ୪୩.୨ ଡିଗ୍ରୀ, ଅନୁଗୁଳ ଓ ଟିଟିଲାଗଡ଼ ୪୩.୧ ଡିଗ୍ରୀ, ବଲାଙ୍ଗୀର ୪୩ , ସୁନ୍ଦରଗଡ଼ରେ ୪୨.୮, ଭବାନୀପାଟଣାରେ ୪୨.୬, ରାଉରକେଲାରେ ୪୨.୨, ସୋନପୁରରେ ୪୧.୭, ହୀରାକୁଦରେ ୪୧.୬, କଟକରେ ୪୧.୬, ଢେଙ୍କାନାଳରେ ୪୧.୪, ପାରଳାଖେମୁଣ୍ଡିରେ ୪୧.୧, ବରଗଡ଼ରେ ୪୦.୮, ନୟାଗଡ଼ରେ ୪୦.୫, କେଉଁଝରରେ ୪୦.୪, ଚାନ୍ଦବାଲିରେ ୪୦.୨, ଜଗତସିଂହପୁର, ଭଦ୍ରକ ଓ ଦେବଗଡରେ ୪୦ ଡିଗ୍ରୀ, ଭୁବନେଶ୍ୱରରେ ୩୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

## ବଢୁଛି ସଂକ୍ରମଣ : ଟେଷ୍ଟିଂ ବଢାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ରାଜ୍ୟରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଏହାକୁ ଦୃଷ୍ଟିରେ ରଖି ଟେଷ୍ଟିଂ ବଢାଇବା ସହ କଂଟାକ୍ଟ ଟ୍ରେସିଂ କରିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ । ଏହାସହ ସଂକ୍ରମଣ ରୋକିବାକୁ ହୋମ୍ ଆଇସୋଲୋସନ୍ ରେ ଥିବା କୋଭିଡ୍ ରୋଗୀଙ୍କ ଉପରେ ନଜର ରଖିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଏହି ସୂଚନା ଦେଇଛି । ସୂଚନାଯୋଗ୍ୟ ଯେ ସୋମବାର ରାଜ୍ୟରେ ୨୬୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ୍ ସକ୍ରିୟ ରୋଗୀ ସଂଖ୍ୟା ୧୬୭୦କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଦିନକରେ ୧୦୩ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ସମ୍ବଲପୁରରେ ପୁଣି ୨୪ ଘଂଟା ପାଇଁ ଇଂଟରନେଟ୍ ସେବା ବନ୍ଦ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ସମ୍ବଲପୁରରେ ପ୍ରଶାସନ ପକ୍ଷରୁ ଆଜି ପୁଣି ଥରେ ୨୪ ଘଂଟା ପାଇଁ ଇଂଟରନେଟ୍ ସେବା ବନ୍ଦ ଘୋଷଣା ହୋଇଛି । ସୋସିଆଲ୍ ମିଡିଆର ଅପବ୍ୟବହାର ଆଶଙ୍କାରେ ଏହି କଟକଣାକୁ ବୃଦ୍ଧି କରାଯାଇଛି । ଆସନ୍ତାକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଇଂଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି ।

# ଏଣିକି ଆନ୍ଦୋଳନ କରିପାରିବେନି ସ୍ୱାସ୍ଥ୍ୟ କର୍ମୀ



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଏସମା ବା ଅତ୍ୟାବଶ୍ୟକ ସେବା ଆଇନ ଲାଗୁଛନ୍ତି । ଏହି ସମୟରେ ନର୍ସ, ଫାର୍ମାସିଷ୍ଟଙ୍କ ଆନ୍ଦୋଳନ ଉପରେ ଲାଗିଛି ରୋକ୍ । ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମଚାରୀମାନଙ୍କ ଉପରେ ମଧ୍ୟ ଏହି କଟକଣା ଲାଗୁ କରାଯାଇଛି । ସ୍ୱାସ୍ଥ୍ୟ କର୍ମୀଙ୍କ ଏହି କାମଛାଡ ଆନ୍ଦୋଳନକୁ ବାରଣ କରାଯାଇଛି । ଏନେଇ ବିଧିବଦ୍ଧ ଭାବେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆଗାମୀ ୬ମାସ ଯାଏ ଏସମା ବଳବତ୍ତର ରହିବ । ଫଳରେ ଆନ୍ଦୋଳନ କରିପାରିବେ ନାହିଁ ସ୍ୱାସ୍ଥ୍ୟକର୍ମୀ । ଜରୁରୀ ସେବା ଆଇନ୍ ୧୯୮୮ ଆଧାରରେ ଏହି କଟକଣା ଲଗାଯାଇଛି । ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା ଉପରେ ସରକାର ରୋକ ଲଗାଇବା ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପାଖରେ ଫେରାଦ ହୋଇଥି ଓଡିଶା ଫାର୍ମାସିଷ୍ଟ ସଂଘ । ୧୨ଦଫା ଦାବି ନେଇ ସଂଘ ଧାରଣା ଦେବାକୁ କହିଥିଲା । କିନ୍ତୁ ସରକାର ଭୟକରି ଛୁଟି ଦିନରେ ନିର୍ଦ୍ଦେଶ ହେଲ ବୋଲି କହିଛି ସଂଘ । ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏହି ଏସମା ଲାଗୁ କରିଛି । ସମସ୍ତ ସରକାରୀ ହସପିଟାଲର ନର୍ସ, ଫାର୍ମାସିଷ୍ଟଙ୍କଠାରୁ ଆରମ୍ଭ କରି ପାରାମେଡିକୋ, ଟେକ୍ନିସିଆନ, ତୃତୀୟ ଓ ଚତୁର୍ଥ ଗ୍ରେଡ କର୍ମଚାରୀଙ୍କ ପାଇଁ ଏହା ଲାଗୁ ହେବ । ତେବେ ଏହାକୁ ନେଇ ବିଭିନ୍ନ ସଂଘ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସରକାର ପ୍ରଥମେ ଦାବି ପୂରଣ କରନ୍ତୁ ଓ ଏସମା ଲାଗୁ କରନ୍ତୁ ବୋଲି କହିଛନ୍ତି ବିଭିନ୍ନ ସଂଘ । ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇଛି । ଆଉ ଏଭଳି ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଲେ କିମ୍ବା ଧର୍ମଘଟ କଲେ ଏହା ସ୍ୱାସ୍ଥ୍ୟସେବା ଉପରେ ପ୍ରଭାବ ପକାଇବା ସମ୍ଭାବନା ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଏସମା ଲାଗୁ ହୋଇଥିବା ଚର୍ଚ୍ଚା ହେଉଛି ।

# ଝାରସୁଗୁଡା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ଟଙ୍କଧର ତ୍ରିପାଠୀ



ଝାରସୁଗୁଡା/ଭୁବନେଶ୍ୱର, ୧୭/୦୪ (ନି.ପ୍ର): ମେ ୧୦ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଝାରସୁଗୁଡା ଉପନିର୍ବାଚନ ପାଇଁ ଆଜି ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ମନମୋହନ ଏମଇ ସ୍କୁଲ ଗ୍ରାଉଣ୍ଡରୁ ବାହାରି ଉପନିର୍ବାଚନ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ଶୋଭାଯାତ୍ରାରେ ପ୍ରାୟ ୧୦ହଜାରୁ ଅଧିକ ଜନତା ସାମିଲ ଥିଲେ । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ସାଧାରଣ ଲୋକେ ଆଜି ନ୍ୟାୟ ପାଇବା ପାଇଁ ତ୍ରାହି ତ୍ରାହି ଡାକୁଥିବାବେଳେ ରାଜ୍ୟ ସରକାରଙ୍କ ବିଫଳତା ସ୍ପଷ୍ଟ ବାରୀ ହୋଇପଡୁଛି । ସାଧାରଣ ଲୋକ ନ୍ୟାୟ ପାଇଁ ଲଢୁଛନ୍ତି ଓ ଲଢ଼ିବେ ଏବଂ ନ୍ୟାୟର ବିଜୟ ହେବ । ଜଣେ ଉଚ୍ଚଶିକ୍ଷିତ, ଯୋଗ୍ୟ, ଦକ୍ଷ ଓ ଯୁବକ ଟଙ୍କଧର ତ୍ରିପାଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡା ନିର୍ବାଚନମଣ୍ଡଳୀର ସଚେତନ ଭୋଟର ଭାଇ ଓ ଭଉଣୀମାନେ ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତାଙ୍କ ବିଜୟକୁ ସୁନିଶ୍ଚିତ କରାଇବେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଦୀର୍ଘ ୨୪ବର୍ଷ ଧରି ନିରନ୍ତର ଶାସନ କ୍ଷମତାରେ ରହି ମଧ୍ୟ ନିର୍ବାଚନ ମଣ୍ଡଳୀର ସଠିକ୍ ବିକାଶ ହୋଇପାରିଲା ନାହିଁ । ଏ ଲଢ଼େଇ ଝାରସୁଗୁଡାବାସୀଙ୍କର, ମୁଁ ନିମିତ ମାତ୍ର ବୋଲି ପ୍ରାର୍ଥୀପତ୍ର ଦାଖଲ କରିବା ପରେ ଟଙ୍କଧର ତ୍ରିପାଠୀ କହିଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ସୁରେଶ ପୂଜାରୀ, ଜୁଏଲ ଓରାମ, ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେଭି ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ସୁବାଷ ପାଣିଗ୍ରାହୀ, ଶଙ୍କର ଓରାମ, ଭବାନୀ ଭୋଇ, କୁସୁମ ଟେଟେ, ନାଉରୀ ନାୟକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ଡ. ବୁଧାନ ମୁର୍ମୁ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲ୍ଲା ସଭାପତି ମଙ୍ଗଳ ସାହୁ, ପୂର୍ବତନ ସାଂସଦ ବିଭୂପ୍ରସାଦ ତରାଇ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ ସାଧାରଣ ସଂପାଦକ ରବି ନାରାୟଣ ନାଏକ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସମାନ୍ତସିଂହାର, ପ୍ରମୁଖ ସମେତ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଇକେରା, କିର୍ମିରା, କୋଲାବିରା, ଝାରସୁଗୁଡା ବ୍ଲକ ଓ ମ୍ୟୁନିସପାଲଟିରୁ ୧୦ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତା ଓ ସାଧାରଣ ଜନତା ସ୍ୱତଃପ୍ରଭୂତଭାବେ ସାମିଲ ହୋଇଥିଲେ ।

# ରାଜ୍ୟ ସରକାର ଓ ଖଣି ଲିଜ୍‌ଧାରୀଙ୍କ ଅନୈତିକ ବୁଝାମଣା ପାଇଁ ରାଜସ୍ୱ କ୍ଷତି ଘଟୁଛି : ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ଲୁହା, ମାଙ୍ଗାନିଜ୍, କ୍ରୋମ ଇତ୍ୟାଦି ଖଣିଜ ସମ୍ପଳ ଓଡ଼ିଶାରେ ଗଚ୍ଛିତ ଥିଲେବି ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହେଉଛି । ଦେଶର ମୋଟ ଖଣିଜ ସମ୍ପଳ ମଧ୍ୟରୁ ଓଡ଼ିଶାରେ ୯୬.୧୨ପ୍ରତିଶତ କ୍ରୋମ, ୫୧.୧୫ପ୍ରତିଶତ ବକ୍ସାଇଟ, ୩୩.୧୨ପ୍ରତିଶତ ହେମାଟାଇନ ଆଇନର, ୪୩.୬୪ପ୍ରତିଶତ ମାଙ୍ଗିନିଜ ଗଚ୍ଛିତ ଅଛି । କିନ୍ତୁ ରାଜ୍ୟ ସରକାର ଓ ଖଣିମାଫିଆ ମାନଙ୍କ ଅନୈତିକ ବୁଝାମଣା ଏବଂ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥା ଯୋଗୁଁ ଦୁର୍ନୀତି ଓ ଭ୍ରଷ୍ଟାଚାର ଦୃଶ୍ୟ ହେଉଥିବା ଭୁବନେଶ୍ୱର ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସୋମବାର ସାମ୍ବାଦିକ ସମ୍ମିଳନୀ କରି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ୨୦୧୦ ନଭେମ୍ବରରେ ରାଜ୍ୟ ସରକାରଙ୍କୁ ବ୍ୟାପକ ଖଣି ଦୁର୍ନୀତିର ତର୍ଜମା କରିବା ପାଇଁ "ଶାହା କମିଶନ" ଗଠିତ ହୋଇଥିଲା । ଶାହା କମିଶନ ଓଡ଼ିଶାର ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ରିପୋର୍ଟ ଦେଇଥିଲେ ବି ରାଜ୍ୟ ସରକାର ଅଣଦେଖା କରିଥିଲେ । ▶▶ପୃଷ୍ଠା ୭

# ଡି.ଏସ.ଓଡିଶା ଡେଭଲେପମେଣ୍ଟ ଓର୍ଗାନାଇଜେସନ ଲଙ୍ଗଳେଶ୍ୱର ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ସମ୍ବର୍ଦ୍ଧନା ଉତ୍ସବ



ଲଙ୍ଗଳେଶ୍ୱର, ୧୭/୦୪ (ନି.ପ୍ର): ଆଜିର ସମାଜରେ ଦିବ୍ୟାଙ୍ଗ ମାନେ ମଧ୍ୟ ସମୟକ୍ରମେ ନିଜେ ଆତ୍ମ ନିର୍ଭରଶିଳ ହୋଇପାରୁଛନ୍ତି । ଅନ୍ଧ ମୂକ ବଧିର ବିକଳାଙ୍ଗ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଜଣେଜଣେ ଦକ୍ଷତା ହାସଲକରି ପରିବାର ପ୍ରତିପୋଷଣ କରି ପାରୁଛନ୍ତି ବୋଲି ଆଜିର ବନ୍ୟାଢ଼୍ୟ ଉତ୍ସବରେ ଉଦଘାଟକ ଭାବେ ଯୁବ ପ୍ରତିଭା ସମାଜସେବୀ ସୁମନ୍ତକୁମାର ଜେନା ମତବ୍ୟକ୍ତ କରିଥିଲେ । ରଣଜିତ ମାନ୍ନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ବସ୍ତା ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଜଳଧରଜାଲି ଯୋଗ ଦେଇ ଦିବ୍ୟାଙ୍ଗ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ବାସୁଦେବପଣ୍ଡା, ସମ୍ମାନୀତ ଅତିଥି ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେର. ସନ୍ତୋଷକୁମାର ବେହେରା, ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀପ୍ରଶାନ୍ତ ରାଉତ, ହରିହର ବେହେରା ଯୋଗ ଦେଇଥିଲେ । ଅନୁଷ୍ଠାନର ଉପସଭାପତି ଉପେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ ।ଉଦଘାଟକ ସମାଜସେବୀ ଶ୍ରୀଜେନା ଜଗନ୍ନାଥଙ୍କ ପ୍ରଦୀପ ପ୍ରଜ୍ୱୋଳ କରି ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରିଙ୍କ ଦ୍ୱାରା ଆବାହନି ସଂଗୀତ ଗାନକରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତି ତ୍ୱ ହାସଲକରିଥିବା ଛାତ୍ରଛାତ୍ରିଙ୍କୁ ସାର୍ଟିଫିକେଟ ଫୁଲତୋଡା ଦିଆଯିବାସହିତ ଦିବ୍ୟାଙ୍ଗ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କର କାର୍ଯ୍ୟ ନିପୁଣତା ପରଦର୍ଶିତାକୁ ଅତିଥିମାନେ ଭୂୟିଅସି ପ୍ରଶଂସା କରିଥିଲେ ।ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପୁଟୁରା ପଞ୍ଚାୟତ ବାସୀ ତଥା ଶତାଧିକ ଲୋକ ଉପସ୍ଥିତ ରହିଥିଲେ।

# ଗରଦପୁରରେ ନିର୍ମାଣ ଶ୍ରମିକମାନଙ୍କ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୭/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ଗରଦପୁର ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ଶ୍ରମିକ ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସଂପାଦକ ତଥା ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ରାପଡା ଜିଲ୍ଲାରେ ଦେଖା ଦେଇଥିବା ପରିଚାଳନାଗତ ସମସ୍ୟା ଅତ୍ୟନ୍ତ ଅସହ୍ୟ ହୋଇଥିବା ଦର୍ଶାଇ ଥିଲେ । ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଶ୍ରମ କାର୍ଯ୍ୟାଳୟ ଅତ୍ୟନ୍ତ ବେପରୁଆ ମନମୁଖୀ ଓ ବେଆଇ କାର୍ଯ୍ୟରେ ଲିପ୍ତ ରହିଥିବାର ଜିଲ୍ଲାର ନିର୍ମାଣ ଶ୍ରମିକ ମାନେ ତ୍ରାହି ତ୍ରାହି ଡାକିଲେଣି । ସରକାର ତଥା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯେତେ ଜଣାଇଲେ ବି କିଛି ପ୍ରଭାବ ପଡୁନାହିଁ । ମହିଳା ଶ୍ରମିକ ମାନଙ୍କୁ ୩ ବର୍ଷ ପଞ୍ଜିକରଣ କରାଗଲା ନାହିଁ । ଝିଅ ବିବାହ ଅନୁଦାନ ଦରଖାସ୍ତ ବର୍ଷ ବର୍ଷ ଧରି ପଡି ରହିଛି । ମୃତ୍ୟୁକାଳୀନ ସହାୟତା ୬୦ ଦିନରେ ପାଇବା ପାଇଁ ଆଇନର ବ୍ୟବସ୍ଥା ଥିବାବେଳେ ବର୍ଷ ବର୍ଷ ବିତି ଯାଉଛି । ସହାୟତା ରାଶି ମିଳୁନାହିଁ । ଏହିଭଳି ଶ୍ରମିକ ମାନଙ୍କର ଅନେକ ସମସ୍ୟା ଚାପି ହୋଇ ରହିଥିବା ବେଳେ ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବାରୁ ଆଗାମୀ ଶ୍ରମିକ ଦିବସ ପାଳନ ସହିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯିବା ପାଇଁ ଏହି ସମ୍ମିଳନୀରେ ସ୍ଥିର କରାଗଲା । ଏହି ସମ୍ମିଳନୀରେ ରମାକାନ୍ତ ନାୟକ, ପ୍ରଦୀପ ସାମଲ, ମନ୍ମଥ ପଣ୍ଡା, ସରଳ ବେହେରା, ଭାଗ୍ୟଧର ବେହେରା, ମଞ୍ଜୁଲତା ମାହାଲି, ଗୁରୁଚରଣ ପାତ୍ର, ନରେଶ ଚନ୍ଦ୍ର ମାହାଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ସୁକାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ, ୧୭/୦୪ (ନି.ପ୍ର): କେନ୍ଦ୍ର ରେଳବାଇ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ଦର୍ଶନା ଜରଦୋଶ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି । ପୁରୀ ରେଳଷ୍ଟେସନକୁ ଆଧୁନିକ, ଶ୍ରୀଜଗନ୍ନାଥ ମହିମାର ରୂପ ଦିଆଯିବା ସହ ବୟନଶିଳ୍ପର ପ୍ରଦର୍ଶନ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଶ୍ରୀମତୀ ଜରଦୋଶ ସର୍କିଟ ହାଉସ ଠାରେ ପହଂଚିବା ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ତାଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀମତୀ ଜରଦୋଶ ସମସ୍ତ ଯୋଜନା ସାଧାରଣ ଲୋକ ମାନଙ୍କ ହିତ ସାଧନ ପାଇଁ ହୋଇଥିବାରୁ ସଠିକ ହିତାଧିକାରୀ ଏହାର ଯେପରି ସୁଫଳ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୧ଟି ବ୍ଲକରେ ବିବିଧ ଆବାସ ଯୋଜନାରେ ୪୫୬୬୨ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୧୩୭୮ ପୂରଣ ହୋଇଛି । ପିଏମଏୱାଇଜି ସ୍ପେଶାଲ ଲକ୍ଷ୍ୟରେ ମୋଟ୍ ୫୫୦୨ ପଞ୍ଜିକୃତ ହୋଇ ଜିଓ ଟ୍ୟାଗ ଆଧାରରେ ମଞ୍ଜୁର ହୋଇଛି ।ପିଏମଏୱାଇଜି ନର୍ମାଲ ଲକ୍ଷ୍ୟ ୧୮୭୫୧ ମଧ୍ୟରୁ ସମସ୍ତ ପଞ୍ଜିକୃତ ହୋଇ ୧୮୭୦୬ ଜିଓ ଟ୍ୟାଗ ହୋଇଛି। ଜିଲ୍ଲାରେ ମୋଟ ୨୫୯୯ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିରେ ୨୫୩୬ ଅଙ୍ଗନବାଡି କର୍ମୀ ଓ ୨୫୨୧ ସହାୟକ ନିଯୁକ୍ତ ଅଛନ୍ତି। ଜାତୀୟ ସାମାଜିକ ସହାୟତା ଯୋଜନାରେ ୮୧୪୭୯ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିବା ବେଳେ ମୃତ୍ୟୁ ଓ ଅନ୍ୟାନ୍ୟ କାରଣ ଯୋଗୁଁ ୧୧୩୫ ବକେୟା ରହିଛି। ଶତକଡା ୯୭ ଭାଗ ଆଧାର ସଂଯୋଗ ଓ ଶତକଡା ୯୮ ଭାଗ ବ୍ୟାଙ୍କ ଆକାଉଂଟ ସଂଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଖରିଫରେ ୯୨୬୦୪ ଓ ରବି ଫସଲରେ ୫୦୫୧ ପଞ୍ଜିକୃତ ହୋଇଛନ୍ତି। ଏମଜିଏନଆରଜିଏସ ରେ ୧ ଲକ୍ଷ ୮୯ ହଜାର ପଞ୍ଜିକୃତ ହୋଇଛନ୍ତି। ସେହିପରି ଉଜ୍ଜ୍ୱଳା ଯୋଜନା, ଗରୀବ କଲ୍ୟାଣ ଯୋଜନା, ଜଳଜୀବନ ଯୋଜନା, ୱାନ ନେସନ ୱାନ ରାସନ ଯୋଜନା, ପିଏମ କିଷାନ ସମ୍ମାନନିଧି ଯୋଜନା, ଜାତୀୟ ଖାଦ୍ୟ ନିରାପତା ଆଇନ ଇତ୍ୟାଦି ଯୋଜନା ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ସମ୍ବିତ ପାତ୍ର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀ ଶ୍ରୀମନ୍ଦିର, ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ଇତ୍ୟାଦି ପରିଦର୍ଶନ କରିଥିଲେ।

# ମାଲକାନଗିରିର ଆଦିବାସୀ ଗୀତିକାର ହାଡୁଙ୍କ ଗୀତ ଚୋରି ଅଭିଯୋଗ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାର ଗୀତିକାରଙ୍କ ଗୀତକୁ ଚୋରି କରାଯାଇଥିବା ଅଭିଯୋଗ। ଓଡ଼ିଶାର ସୁନାମ ଧନ୍ୟ ଗାୟକ ମଂଟୁ ଛୁରିଆ ଓ ଗୀତିକାର ଅକ୍ଷୟ କୁମାର ସିମୁଳିଆଙ୍କ ନାମରେ ଅଭିଯୋଗ ଆଣିଛନ୍ତି ମାଲକାନଗିରି ଜିଲ୍ଲାର ଜଣେ ଆଦିବାସୀ ଗୀତିକାର ହାଡୁ। ମାଲକାନଗିରି ଜିଲ୍ଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ସମୟରେ 'ଆମର ଜିଲ୍ଲା ମାଲକାନଗିରି, ମାଲ୍ୟବନ୍ତ ଗିରି ' ଗୀତ ଲେଖି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ ଜିଲ୍ଲାର ହାଡୁ ତଳିଆ। ସେ ଆହୁରି ଅନେକ ଗୀତ ମଧ୍ୟ ଲେଖିଛନ୍ତି। ଏବେ ହାଡୁ ନିଜ ଗୀତ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ହାଡୁଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦୨୨ ଅକ୍ଟୋବର ମାସରେ କୋରାପୁଟ ଜିଲ୍ଲାର ଗୀତିକାର ଅକ୍ଷୟ କୁମାର ସିମୁଳିଆ ହାଡୁଙ୍କୁ ଏକ ଗୀତ ଲେଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଗୀତ ରିଲିଜ୍ ହେବା ପରେ ଉଭୟଙ୍କ ନାମରେ ରିଲିଜ ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହାକୁ ନେଇ ' ଝିଲକୀ ଝିପା ନନୀ ' କୋରାପୁଟିଆ ଆଦିବାସୀ ଗୀତଟିର ରଚନା କରିଥିଲେ ହାଡୁ । ' ସୁର ଭାଇବ୍ରେସନ ' ନାମକ ଏକ ୟୁଟ୍ୟୁବ ଚ୍ୟାନେଲରେ ଏହି ଗୀତ ରିଲିଜ ହେଲା ଓ ଗୀତକୁ ଗାଇଛନ୍ତି ଓଡ଼ିଶାର ଦୁଇ ସୁନାମଧନ୍ୟ କଣ୍ଠଶିଳ୍ପୀ ମଂଟୁ ଛୁରିଆ ଓ ଜୟଶ୍ରୀ ଧଳ । କିନ୍ତୁ, ଗୀତ ଲେଖିବା ବାବଦକୁ କୌଣସି ପାଉଣା ମିଳିବାତ ଦୂରର କଥା, ଗୀତ ରିଲିଜ ହେବାପରେ ହାଡୁଙ୍କ ନାମ ଦିଆନଯାଇ ଗୀତିକାର ଅକ୍ଷୟ କୁମାର ସିମୁଳିଆ ନିଜ ନାମକୁ ଦେଇଥିବା ହାଡୁ ଅଭିଯୋଗ କରିଛନ୍ତି । ତାଙ୍କ ନାମକୁ ବାଦ ଦେଲେ ତାଙ୍କ ଗୀତଟିକୁ କିପରି ରିଲିଜ କରାଗଲା, ଏହା ଚୋରି ସହ ସମାନ ବୋଲି ହାଡୁ କ୍ଷୋଭ ପ୍ରକାଶ କରିବା ସହ ଗଣମାଧ୍ୟମ ନିକଟରେ ଏନେଇ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ହାଡୁ ତଳିଆ ବସବାସ କରୁଥିବା ବେଳେ ସେ ପେସାରେ ଜଣେ ସିକ୍ୟୁରିଟି ଗାର୍ଡ । ପେସାକୁ ବଂଚାଇବା ସହ ନିଜ ଗୀତ ଲେଖିବା ନିଶାକୁ କେବେ ଅଲଗା ଦେଖିନାହାଁନ୍ତି ହାଡୁ । କିନ୍ତୁ, ବର୍ତମାନ 'ଝିଲିକି ଝିପା ନାନୀ' ଗୀତକୁ ନେଇ ସେ ଏବେ ଭାଙ୍ଗି ପଡିଛନ୍ତି । ପାଉଣା ନଦେଲେ ଚଳିବ, କିନ୍ତୁ ଲେଖିଥିବା ଗୀତକୁ ତାଙ୍କ ନାମ ଦେଇଥିଲେ କାହାର କଣ ହୋଇଯାଇଥାନ୍ତା ବୋଲି କୋହ ଭରା କଣ୍ଠରେ ପ୍ରକାଶ କରିଛନ୍ତି ଗୀତିକାର ହାଡୁ ତଳିଆ । ତେବେ ଏନେଇ ହାଡୁ ଆହୁରି ମଧ୍ୟ କହିଛନ୍ତି ଯେ, ଗୀତ ଚୋରି ହେଲା ସତ, କିନ୍ତୁ ମୋ କଳାକୁ କେହି ଚୋରି କରିନେଇ ପାରିବେନି । ଗୀତ ରିଲିଜ୍ ପରେ ହାଡୁ ଗାୟିକା ଜୟଶ୍ରୀ ଧଳଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ନମିଳିବାରୁ ସେ ନିରବ ରହିଗଲେ ବୋଲି ପ୍ରକାଶ କରିଛନ୍ତି। ତେବେ ପ୍ରକୃତରେ ଏହି ଗୀତ ଚୋରୀ ହୋଇଛି ନା ହାଡୁଙ୍କ ଅଭିଯୋଗ ପଛରେ ଆଉକିଛି କଥା ରହିଛି ତାହା ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ।

# କେନ୍ଦୁଝର ଜିଲ୍ଲାରୁ କୌଣସି ପରିସ୍ଥିତିରେ ଅଲଗା ହେବନି ହରିଚନ୍ଦନପୁର ବ୍ଲକ

ହରିଚନ୍ଦନପୁର, ୧୭/୦୪ (ନି.ପ୍ର): ହରିଚନ୍ଦନପୁର ବ୍ଲକ ନାଗରିକ ସମନ୍ୱୟ ସମିତି ଡାକରାରେ ଜଙ୍ଘିରା ହାଟ ପଡିଆ ଠାରେ ୩୧ନଂ ଜଙ୍ଘିରା ଜିଲ୍ଲାପରିଷଦ ଜୋନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଦିବାସି ନେତା ଅଗସ୍ତି ନାଏକଙ୍କ ସଭାପତିତ୍ୱରେ ଏହି ଜୋନ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଭୌଗଳିକ, ଗମନାଗମନ ଏବଂ ବିଭିନ୍ନ ଦୃଷ୍ଟି କୋଣରୁ ସମସ୍ତ ସୁବିଧା ସୁଯୋଗ ରହିଥିବାରୁ ହରିଚନ୍ଦନପୁର ବ୍ଲକ କେନ୍ଦୁଝର ଜିଲ୍ଲାରେ ରହିଛି, ଏବଂ ରହିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଥିଲା । ତେବେ ଆଗାମି ଦିନରେ ଜଙ୍ଘିରା ଜୋନର ସାତୋଟି ପଂଚାୟତର ସରପଂଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଦସ୍ୟା, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ରାଜକିଶୋର ବାରିକ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ ଦାସ, ଜଙ୍ଘିରା ଅଂଚଳର ଜଣାଶୁଣା ବ୍ୟବସାୟୀ ଚତୁର୍ଭୁଜ ସାହୁ ଓ କିଛି ବରିଷ୍ଠ ଏବଂ ଯୁବକଙ୍କୁ ନେଇ ଏକ ଜୋନ ସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତି ହୋଇଥିବା ଜଣାପଡିଛି । ପରବର୍ତୀ ପର୍ଯ୍ୟାୟରେ ପଂଚାୟତ ଓ ୱାର୍ଡସ୍ତରରେ ବୈଠକ କରି ପ୍ରତ୍ୟେକ ପରିବାରକୁ ଏ ବିଷୟରେ ସଚେତନ କରିବାକୁ ଚେଷ୍ଟା କରିବାକୁ ନିଷ୍ପତି ହୋଇଛି । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ମା ମାଟି ପାଇଁ ଲଢେଇ କରିବାକୁ ନାଗରିକ ସମନ୍ୱୟ ସମିତି ସଦସ୍ୟ ତଥା ହରିଚନ୍ଦନପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହ ଜୀବନ ଥିବା ପର୍ଯ୍ୟନ୍ତ ହରିଚନ୍ଦନପୁର ବ୍ଲକକୁ କେନ୍ଦୁଝର ଠାରୁ କେହି ଅଲଗା କରିପାରିବେନି ବୋଲି ବରିଷ୍ଠ ନେତା ସୁରଥ ସାହୁ କହିଥିଲେ । ହୁଣ୍ଡା ପଂଚାୟତ ସରପଂଚ ମନୋଜ ନାଏକ ଏହି ଆନ୍ଦୋଳନକୁ ତିବ୍ରତର କରିବାକୁ କହିଛନ୍ତି । ବୁଢାଖମଣ ପଂଚାୟତ ସରପଂଚ ବିଦ୍ୟାଧର ଜୁଆଙ୍ଗ, ପଣ୍ଡାପଡା ଥାନା ଅଧିନରେ ଥିବା ଜଙ୍ଘିରା ଜୋନର ୭ଟି ପଂଚାୟତକୁ ହରିଚନ୍ଦନପୁର ଥାନାରେ ସାମିଲ୍ କରିବା ସହିତ ଜଙ୍ଘିରାରେ ଏକ ଫାଣ୍ଡି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଜଙ୍ଘିରା ଜୋନ କଂଗ୍ରେସର ପୂର୍ବତନ ସଭାପତି ପୂର୍ଣଚନ୍ଦ୍ର ନାଏକ, ବିଜେପିର ପୂର୍ବତନ ଜଙ୍ଘିରା ଜିଲ୍ଲାପରିଷଦ ଜୋନ ପ୍ରାର୍ଥୀ ପ୍ରଶନ୍ନ ନାଏକ, ବିଜେଡିର ସାଂସଦ ପ୍ରତିନିଧି ରଞ୍ଜନ ଦାସ, ଅନିଲ ଭିତିରିଆ ସମେତ ତିନି ଦଳର ଅନେକ କର୍ମକର୍ତା ଯୋଗଦେଇ ସର୍ବ ସମ୍ମତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦିନକୁ ଦିନ ନାଗରିକ ସମନ୍ୱୟ ସମିତି ବଳ ଜୁଟାଉଥିବା ବେଳେ ହରିଚନ୍ଦନପୁର ବାସୀଙ୍କ ଅଧିକାର ଓ ସ୍ୱାଭିମାନର ଶୃଙ୍ଖଳିତ ଲଢ଼େଇ ବୋଲି କୁହାଯାଉଛି । ସର୍ବ ଦଳ ସମ୍ମତି ଥିବାରୁ କେନ୍ଦୁଝର ଜିଲ୍ଲାରୁ ହରିଚନ୍ଦନପୁର ବ୍ଲକ ଅଲଗା ନହେବା ପାଇଁ ଜଙ୍ଘିରା ଜୋନରେ ଜନମତ ସୃଷ୍ଟି ହେବାରେ ବେଶ ସହାୟକ ହେବ ବୋଲି ଅନୁମାନ କରାଯାଉଛି। କାର୍ଯ୍ୟକ୍ରମରେ ରମେଶ ମିଶ୍ର, ସୁଦାମ ନାଏକ, ଧୃବ ସାହୁ, ଭିମସେନ ସେଠୀ, ସୁଦର୍ଶନ ମହାକୁଡ, ଅଚ୍ୟୁତ ପ୍ରଧାନ, ବିରଞ୍ଚି ଭୂଲଗାୟାଁ, ଶ୍ରୀନିବାସ ରଣା, ଚନ୍ଦନ ନାଏକଙ୍କ ସମେତ ଜଙ୍ଘିରା, ହୁଣ୍ଡା, ପିଠାଗୋଳା, ତେନ୍ତଳାପଶି, ଜୁଙ୍ଗା, ବକ୍ସିବାରିଗାଁ, ବୁଢାଖମଣ ପଂଚାୟତର ୨୦୦ରୁ ଅଧିକ ଲୋକ ଏହି ଜୋନ ସ୍ତରୀୟ ବୈଠକରେ ଯୋଗ ଦେଇଥିବା ଜଣାପଡିଛି । ଆଗାମୀ ଦିନରେ ବ୍ଲକର ସମସ୍ତ ଅଂଚଳର ଜନସାଧାରଣ ଏକଜୁଟ ହୋଇ ଏହାକୁ ବିରୋଧ କରିବା ଦିଗରେ ଆଗେଇ ଆସିବାକୁ ସ୍ଥିର ପ୍ରତିଶ୍ରୁତିବଦ୍ଧ ହେଲେଣି । ତେଣୁ ଆନନ୍ଦପୁରକୁ ଜିଲ୍ଲା ମାନ୍ୟତା ଦେଲେ କାହାର ଅସୁବିଧା ରହିବ ନାହିଁ, କିନ୍ତୁ ସେଥିରେ ହରିଚନ୍ଦନପୁର ରହିବ ନାହିଁ । କେନ୍ଦୁଝର ଠାରୁ ହରିଚନ୍ଦନପୁର ବ୍ଲକକୁ ଅଲଗା କଲେ ସ୍ଥାନେ ସ୍ଥାନେ ନିଆଁ ଜଳିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ।

## ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଜୟପୁର, ୧୭/୦୪ (ନି.ପ୍ର): ଜୟପୁର ସହର ଗଙ୍ଗାନଗରରେ ଭୋର ସମୟରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି ହୋଇଛି । ଗଙ୍ଗାନଗର ସ୍ୱର୍ଗତ ମହେନ୍ଦ୍ର କୁମାର ସିଂ ଙ୍କ ପରିବାର ରାତ୍ରରେ ଶୋଇଥିବା ବେଳେ ଭୋର ସମୟରେ ଦୁର୍ବୃତ କାନ୍ଥ ଡେଇଁ ଘରେ ପଶିଥିଲେ । ଭୋର ସାଢେ ୫ଟା ସମୟରେ ମୁହଁରେ ମୁଖା ଲଗାଇ ଚୋରି କରିଥିଲେ । କଳା ମୁଖା ଲଗାଇ ଚୋରି କରିଥିବା ବେଳେ ଘର ଲୋକେ ଜାଣିଥିଲେ । ଜାଣି ପାଟି କରି ପଛରେ ଧାଇଁଥିଲେ । ପାଳିତ କୁକୁର ମଧ୍ୟ ଦୁର୍ବୃତ୍ତଙ୍କ ପିଛା କରିଥିଲା । ହେଲେ ବି ଦୁର୍ବୃତ ସୁନା ଗହଣା ଟଙ୍କା ଧରି ଚମ୍ପଟ୍ ମାରିଥିଲେ । ଝିଅ ବାହା ଘର ପାଇଁ ୧୦ ଭରି ସୁନା ୩ ଲକ୍ଷ ଟଙ୍କା ଆଦି ଘରେ ଥିବା ବେଳେ ଦୁର୍ବୃତ ସବୁ ଧରି ଚମ୍ପଟ ମାରିଛି । ସବୁ ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି ।

## ଘରୋଇ କଳିରୁ ପୁଅ ବୋହୁଙ୍କ ମାଡ ଖାଇ ମା' ମୃତ

କନ୍ଧମାଳ , ୧୭/୦୪ (ନି.ପ୍ର): ପୁଅକୁ ଜନମ କରିଥିଲା ବୁଢି କାଳରେ ପୋଷିବ ଆଉ ସେବା କରିବ ଟିକିଏ ବୋଲି । ନିଜେ ନ ଖାଇ ପୁଅକୁ ବଡ କରିଥିଲା ମା' । ଆଉ ପୁଅକୁ ବିବାହ କରି ବୋହୁ ମଧ୍ୟ ଘରକୁ ଆଣିଲା। ବୋହୁ ରାନ୍ଧି କି ଗଣ୍ଡେ ଖାଇବାକୁ ଦେବ ବୋଲି। ହେଲେ ଶେଷରେ ସେହି ପୁଅ ଆଉବୋହୁର ମାଡରେ ମାର ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲାର ଦାରିଙ୍ଗ ବାଡି ଥାନା ଅନ୍ତର୍ଗତ ପାଙ୍ଗାଲିଗ୍ରାମ ରେ । ମୃତକ ଜଣଙ୍କ ହେଲେ ପାଡ଼େନ କେତା ଗ୍ରାମର ପୁଷ୍ପାଞ୍ଜଳୀ ପରିଚ୍ଛା ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ,ପୁଷ୍ପାଞ୍ଜଳି ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗ ଦେବାପାଇଁ ' ପାଙ୍ଗାଲି ଗ୍ରାମ ରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପୁଅ ବୋହୁ ମଧ୍ୟ ଥିଲେ। ହେଲେ ସେଠାରେ କୌଣସି କାରଣ ବଶତଃ ସେମାନଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା ଏଥିରେ ଉତ୍ୟକ୍ତ ହୋଇ ପୁଅ ବୋହୂ ମିଶି ମା ପୁଷ୍ପାଞ୍ଜଳିକୁ ମାଡ଼ମାରିଥିଲେ ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ତାଙ୍କର ମୃତ୍ୟୁ ଘଟିଥିଲା।

# ଡ଼. କୁମାର ଗୋପାଳଙ୍କ ନିର୍ଦ୍ଦେଶିତ ନାଟକ ପୁରସ୍କୃତ



କୋରାପୁଟ, ୧୭/୦୪ (ନି.ପ୍ର): କୋରାପୁଟର ଦାମନ ଯୋଡ଼ି ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ସପ୍ତଦଶ ପଞ୍ଚପଟ୍ଟମାଳି ନାଟକ ମହୋତ୍ସବରେ ବାଲେଶ୍ୱରର 'କଳାକାର' ପରିବେଷିତ ନାଟକ 'କଳାମଲ୍ଲୀ' ୨ୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ରୂପେ ପୁରସ୍କୃତ ହୋଇଛି । ଚଳିତ ବର୍ଷ ବିଭିନ୍ନ ଜିଲ୍ଲାରୁ ୧୪ ଗୋଟି ନାଟ୍ୟ ଦଳ ଭାଗନେଇଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମ ରାଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନାଲକୋ ଭାର ପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ କୁମାର ପାଢ଼ୀ ଓ ସମୂହ ମହାପ୍ରବନ୍ଧକ ପ୍ରମୋଦ କୁମାର ବେହେରାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଟକ ପ୍ରତିଯୋଗିତାର ବିଚାରକ ଭାବେ ଓଡ଼ିଶା ନାଟ୍ୟ ସଂଘର ସଭାପତି ହରେନ ସାହୁ (ଭୁବନେଶ୍ୱର), ବ୍ରଜେନ୍ଦ୍ର ନାୟକ (ସମ୍ବଲପୁର) ଓ ଗିରିଜା କୁମାର ଚୈଧୁରୀ (ଲକ୍ଷ୍ମୀପୁର) ଯୋଗ ଦେଇଥିଲେ। ଏଥିରେ ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ରୂପେ ବାଲେଶ୍ୱର 'କଳାକାର' ନାଟ୍ୟ ଅନୁଷ୍ଠାନର ନାଟକ 'କଳାମଲ୍ଲୀ' ସଫଳତା ହାସଲ କରିଛି ।ଏହାର ନାଟ୍ୟ ନିର୍ଦ୍ଦେଶକ ଡ଼. କୁମାର ଗୋପାଳ ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି। ନାଟ୍ୟକାର ଓ ସଂଗୀତକାର ଭାବେ ସୁନାମଧନ୍ୟ ନାଟ୍ୟକାର ସୁଶାନ୍ତ ଦାସ୍ ମଧ୍ୟ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ହୋଇଛନ୍ତି ଓ ହାସ୍ୟ ଅଭିନେତା ଭାବେ ଅମରନାଥ ଗୋଚ୍ଛାୟତ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ପାଇଁ ନିର୍ଦ୍ଦେଶକ ଡ଼. ଗୋପାଳ ସମସ୍ତ ଶ୍ରେୟ 'କଳାକାର' ସମସ୍ତ ସଦସ୍ୟ ମାନଙ୍କୁ ଉତ୍ସର୍ଗ କରିଛନ୍ତି।

# ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ପୁରୀ ରେଳ ଷ୍ଟେସନ ନିରୀକ୍ଷଣ ଓ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

ପୁରୀ, ୧୭/୦୪ (ନି.ପ୍ର): ରେଳ ଓ କପଡା ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ଆଜି ପୁରୀ ଗସ୍ତରେ ଆସି ପୁରୀ ରେଳ ଷ୍ଟେସନକୁ ନିରୀକ୍ଷଣ କରିବା ସହିତ ରେଳବାଇ ଅଧିକାରୀମାନଙ୍କ ସହ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପୁରୀ ରେଳ ଷ୍ଟେସନ ନିରୀକ୍ଷଣ ସମୟରେ ଶ୍ରୀମତୀ ଜରଦୋଶ ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସୁବିଧା ଗୁଡିକ ଯେପରି ସମସ୍ତ ବର୍ଗର ଯାତ୍ରୀମାନଙ୍କୁ ବିଶେଷ ଭାବେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଜରଦୋଶ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଯାତ୍ରୀ ମାନଙ୍କ ଆରମଦାୟକ ଯାତ୍ରା ପାଇଁ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ସହିତ ସମସ୍ତ ପ୍ରକାର ଯାତ୍ରୀ ବିଶେଷ କରି ଗରିବ ଓ ସ୍ୱଳ୍ପ ଆୟ ବର୍ଗର ଯାତ୍ରୀଙ୍କୁ ସୁହାଇଲାଭଳି ଯାତ୍ରୀ ପରିସେବା ଉପଲବ୍ଧ କରାଇବାକୁ ସେ କହିଛନ୍ତି । ଯାତ୍ରୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକ କରୁଥିବା ବିସ୍ତୃତ ଚଳପ୍ରଚଳ ସ୍ଥାନ, କନକୋର୍ସ, ପ୍ଲାଟଫର୍ମ, ଆଲୋକିକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚଳାୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦି ଗୁଡିକର ଉପଲବ୍ଧି ଉପରେ ପ୍ରାଥମିକତାଦେବାକୁ ସେ ଅଧିକାରୀମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି ଜରଦୋଶ କହିଛନ୍ତି ଯେ ପୁରୀ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ଏଥିରେ ଜଗନ୍ନାଥ ମନ୍ଦିରର ଛାପ ଦିଆଯିବ ଓ ନିର୍ମାଣ କାର୍ଯ୍ୟ ସମୟରେ ଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କର ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦିଆଯାଉଅଛି । ସମୀକ୍ଷା ବୈଠକରେ ଶ୍ରୀମତୀ ଜରଦୋଶ ଉନ୍ନତ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରଣାଳୀ ପାଇଁ ରେଳପଥ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ।

# ଭିନ୍ନକ୍ଷମ ଶରତ ନାଇକଙ୍କ ପାଇଁ ସରକାରୀ ସହାୟତା ସାତସପନ

କେନ୍ଦୁଝର, ୧୭/୦୪ (ନି.ପ୍ର): ଭିନ୍ନକ୍ଷମ ଶରତ ନାଇକଙ୍କ ପାଇଁ ସରକାରୀ ସହାୟତା ସାତସପନ ପାଲଟିଥିବା ଅଭିଯୋଗ ହୋଇଛି । ସରକାର ଆଦିବାସୀ ମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଉଥିବା ନେଇ ଢେଙ୍ଗୁରା ପିଟୁଥିବା ବେଳେ ପ୍ରକୃତ ପକ୍ଷରେ ଏହାର ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ପଂଚାୟତର ବାହିଆବାରଦଣ୍ଡା (ପଣସଡିହା) ଗ୍ରାମର ୩୫ ବର୍ଷୀୟ ଆଦିବାସୀ ଯୁବକ ମଙ୍ଗରାଜ ନାଇକଙ୍କ ପୁଅ ଶରତ ନାଇକଙ୍କ କ୍ଷେତ୍ରରେ । ଆଜକୁ ୩ ବର୍ଷ ପୂର୍ବରୁ ଶରତ ଏକ ଅଟୋ ଦୁର୍ଘଟଣାରେ ଗୁରୁତର ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଯାଇଛନ୍ତି । ହେଲେ ଏପର୍ଯ୍ୟନ୍ତ ଶରତଙ୍କୁ ନା ମିଳିଛି ତିନି ଚକିଆ ସାଇକେଲ, ନା ଭିନ୍ନକ୍ଷମ ପ୍ରମାଣ ପତ୍ର । ସେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଏଯାଏଁ ତାଙ୍କୁ ଭିନ୍ନକ୍ଷମ ଭତା ମିଳିପାରିନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି । ଶରତ ଅନ୍ତୋଦୟ ଅନ୍ନ ଯୋଜନାରୁ ମଧ୍ୟ ବଂଚିତ ହୋଇଛନ୍ତି । ଏହି ଭିନ୍ନକ୍ଷମ ଯୁବକଙ୍କୁ ଥଇଥାନ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆନନ୍ଦପୁର ଓ ଉପଖଣ୍ଡ ପ୍ରଶାସନ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୧୮ ଏପ୍ରିଲ ୨୦୨୩

# ବାଦାମ ଚମକାଇବ ଚେହେରା, ଜାଣନ୍ତୁ କିପରି କରିବେ ବ୍ୟବହାର ?



ମନସୁନରେ ଚେହେରାକୁ ଚମକାଇବା ମହିଳାଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିଥାଏ । ବର୍ଷା ଓ ଆର୍ଦ୍ରତା କାରଣରୁ ଚେହେରା ସାଧାରଣତଃ ମଳିନ ଦେଖାଯାଇଥାଏ । ଏପରି କ୍ଷେତ୍ରରେ ତ୍ୱଚାକୁ ଚମକାଇଥାଏ ଚିନାବାଦାମ । ବାଦାମ ଫେସପ୍ୟାକ୍ ଚେହେରାର ଉଜ୍ଜ୍ୱଳ ବୃଦ୍ଧି କରିବା ସହ ଫଳପ୍ରଦ ହୋଇଥାଏ । ପାର୍ଲରରେ ଟଙ୍କା ଖର୍ଚ୍ଚ ନକରି ଘରେ ମଧ୍ୟ ଆପଣ ଚେହେରାକୁ ଚମକାଇ ପାରିବେ । ଭିଟାମିନ 'ସି' ଓ 'ଇ'ରେ ଭରପୁର ଚିନାବାଦାମ ଫେସପ୍ୟାକ୍ ମନସୁନରେ ବେଷ୍ଟ କ୍ଲିଞ୍ଜିଂ ଭାବେ ପ୍ରମାଣିତ ହୋଇଥାଏ । ଏହାସହ ତ୍ୱଚାର କୋଲେଜନ ବଢାଇ ଦାଗଚିହ୍ନ ଦୂର କରିଥାଏ ।

ବାଦାମ ଓ କ୍ଷୀର : ଚେହେରାରୁ ଦାଗ ଦୂର କରିଥାଏ ବାଦାମ ଓ କ୍ଷୀର ପ୍ୟାକ୍ । ଏଥିପାଇଁ ୨ ଚାମଚ ଚିନାବାଦାମକୁ ଭିଜାଇ ବାଟି ଦିଅନ୍ତୁ । ଏହି ପେଷ୍ଟରେ ୨ ଚାମଚ କ୍ଷୀର ଓ ୩ ରୁ ୪ ଚାମଚ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାନ୍ତୁ । ୧୦ ମିନିଟ ପରେ ଉଷୁମ ପାଣିରେ ଚେହେରା ଧୋଇ ନିଅନ୍ତୁ ।

ବାଦାମ ଓ କମଳା : ଭିଟାମିନ ସିରେ ଭରପୁର କମଳା ଓ ବାଦାମର ଫେସମାସ୍କ ତ୍ୱଚାର ପୋର୍ସକୁ ସଫା କରି ନରମ ଓ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ । ଏହି ମାସ୍କ ପ୍ରସ୍ତୁତ ପାଇଁ ୨ଟି କମଳା ସହ ବାଦାମକୁ ବାଟି ପେଷ୍ଟ ତିଆରି କରନ୍ତୁ । ଏବେ ସେଥିରେ ୪ ଚାମଚ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ । ୨୦ ମିନିଟ ପରେ ଗରମ ପାଣିରେ ଧୋଇବା ଦ୍ୱାରା ଚେହେରା ଚମକିଥାଏ ।

ବାଦାମ ଓ କଦଳୀ : ବାଦାମ ଓ କଦଳୀ ଫେସମାସ୍କ ପ୍ରସ୍ତୁତ କରିବା ପାଇଁ ୨ଟି କଦଳୀ ଚକଟି ନିଅନ୍ତୁ । ଏଥିରେ ୨ ଚାମଚ ପିନଟ ବଟର ମିଶାଇ ଚେହେରାରେ ଲଗାନ୍ତୁ । ୧୫ ରୁ ୨୦ ମିନିଟ ପରେ ହାଲୁକା ଉଷୁମ ପାଣିରେ ମୁହଁ ଧୋଇ ନିଅନ୍ତୁ । ସପ୍ତାହକୁ ୨ ରୁ ୩ ଥର ଏପରି ଫେସପ୍ୟାକ୍ ଲଗାଇବା ଦ୍ୱାରା ଚେହେରା ଉଜ୍ଜ୍ୱଳ ଦିଶିଥାଏ ।

# ୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା-- ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମ ସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା । ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷ ଥିଲେ ।

# କ୍ୟାମେରା ଲାଗିଥିବା ଟୁଥ୍ ବ୍ରଶ



ସମସ୍ତ ଦରକାରୀ ଜିନିଷ ଯେମିତିକି ଫ୍ୟାନ୍, ପାନିଆ, ବ୍ୟାଗ, ହେୟାରବ୍ୟାଣ୍ଡ ଆଦିରେ ଛୋଟ ଭିଡିଓ କ୍ୟାମେରା ଲାଗିବାର ଆମେ ଶୁଣୁଛେ । ମାତ୍ର ଏବେ ସିଏଟଲ୍ କମ୍ପାନୀ ଏପରି ଏକ ଟୁଥ୍‌ବ୍ରଶ୍ ଲଞ୍ଚ କରିଛି, ଯେଉଁଥିରେ ଏକ ଛୋଟ ଭିଡିଓ କ୍ୟାମେରା ରହିଛି । ଏଥିରେ ବ୍ରଶ୍ କଲେ ପାଟି ଭିତରକୁ ଆମେ ସୁବିଧାରେ ଦେଖିପାରିବା । ଲୌସ 'ପ୍ରୋଫିକ୍ସ'ନାମକ ଏହି ଟୁଥ୍‌ବ୍ରଶ୍ ୱିଲ୍‌ମେଟ୍ ଆମେରିକାର ଦନ୍ତ ଚିକିତ୍ସକ କ୍ରେଗ କୋହଲର ପ୍ରସ୍ତୁତ କରିଛନ୍ତି । ଏହି ବ୍ରଶ ଏବେ ବଜାରରେ ଡିସ୍‌କାଉଣ୍ଟରେ ୨୯୯ ଆମେରିକା ଡଲାରରେ ଉପଲବ୍ଧ ହେବ । ୨୦୧୭ରେ ଏହା ବଜାରରେ ୩୯୯ଡଲାରରେ ମିଳିବ । ଏହି ଟୁଥ୍‌ବ୍ରଶରେ ମଧ୍ୟ ସ୍ମାର୍ଟଫୋନ୍‌କୁ ଭିଡିଓକୁ ପଠାଇବାକୁ ୱାଇଫାଇ ଏବଂ ବ୍ଲୁଟୁଥ୍ ଉପଲବ୍ଧ ଅଛି । ଦନ୍ତ ଚିକିତ୍ସକଙ୍କ କହିବା ଅନୁଯାୟୀ ଏହା ଦ୍ୱା। ଆପଣ ଆପଣଙ୍କ ପାଟି ଭିତରର କୋଣ ଅନୁକୋଣ ଦେଖିପାରିବେ ଓ କେଉଁଠି କେତେ ସଫା ହୋଇଛି ମଧ୍ୟ ଜାଣିପାରିବେ ।

# ମେଦ ହ୍ରାସ ପାଇଁ ସ୍କିପିଙ୍ଗ

ଦଉଡ଼ିଡିଆଁ ବା ସ୍କିପିଂ ଏକ ଉତ୍ତମ ବ୍ୟାୟାମ । ଏହା ଦ୍ୱାରା ଅଧିକ କାଲୋରି ଖର୍ଚ୍ଚ ହେବା ସହ ମେଦ ନଷ୍ଟ ହୁଏ । ହୃତପିଣ୍ଡ ଓ ଫୁସଫୁସର କାର୍ଯ୍ୟ-କ୍ଷମତା ବଢ଼େ । ପେଶୀ ଶକ୍ତିଶାଳୀ ହୁଏ । ପ୍ରଥମେ ଦୁଇ ଗୋଡ଼ରେ ଡେଇଁ ସ୍କିପିଂ ଅଭ୍ୟାସ କରନ୍ତୁ । ପ୍ରଥମ ପନ୍ଦର ଦିନ, ଦୈନିକ ପନ୍ଦର ମିନିଟ୍ ଯେତେ ସଂଭବ ଅଭ୍ୟାସ କରନ୍ତୁ । ତାହା ପରେ ଆଉ ପନ୍ଦର ଦିନ, ଥରକେ ତିରିଶ ସେକେଣ୍ଡ ପରେ ଦଶ ସେକେଣ୍ଡ ବିଶ୍ରାମ, ଏହି ପରି କରନ୍ତୁ । ତାହା ପରେ ତିରିଶ ଦିନ, ଥରକେ ନବେ ସେକେଣ୍ଡ ପରେ ତିରିଶ ସେକେଣ୍ଡ ବିଶ୍ରମ, ଏହି ପରି ଆଠ ସେଟ୍ ଅଭ୍ୟାସ କରନ୍ତୁ । ଏହି ହାରରେ ବଢ଼ାଇ ଆଠ ମାସ ଭିତରେ ଥରକେ ତିନି ମିନିଟ୍ ଡେଇଁ, ଏକ ମିନିଟ ବିଶ୍ରାମ ସହ ଆଠ ସେଟ୍ ଅଭ୍ୟାସ କରନ୍ତୁ । ସ୍କିପିଂ ପରେ ଥରକେ ଯେତେ ସଂଭବ ପୁସ୍-ଅପ୍ ପାଞ୍ଚ ସେଟ୍ ମାରନ୍ତୁ । ସପ୍ତାହରେ ପାଞ୍ଚ ଦିନ ଏହା ଅଭ୍ୟାସ ସହ ଖାଦ୍ୟ-ପାନୀୟ ବାବଦରେ ସତର୍କତା ଅବଲମ୍ବନ କଲେ ଆଠ ମାସରେ ଓଜନ ପନ୍ଦର-ଅଠର କିଲୋଗ୍ରାମ କମିବ । ଆରାମଦାୟକ ଜୋତା ପିନ୍ଧି, ଧୂଳି ଉଠୁ ନଥିବା ସ୍ଥାନରେ ସ୍କିପିଂ କରନ୍ତୁ । ଏଥିପାଇଁ ଉଚ୍ଚ ମାନର ସ୍କିପିଂ ରୋପ୍ ବ୍ୟବହାର କରନ୍ତୁ । ଖଞ୍ଜାରେ ସମସ୍ୟା, ହାନିଆ, ପ୍ରୋସ୍‌ଟ୍ରେଟ୍, ହୃଦରୋଗ ଆଦି ଥିଲେ, ଚିକିତ୍ସକଙ୍କ ପରାମର୍ଶ ବିନା ସ୍କିପିଂ କରିବେନାହିଁ ।



# ଗ୍ରୀନ୍ ଟି'ରେ ମିଶାଇ ପିଅନ୍ତୁ ଏହିସବୁ ଜିନିଷ: କ୍ୟାନ୍ସର ପରି ରୋଗରୁ ମିଳିବ ମୁକ୍ତି

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ କାରଣରୁ ଅଧିକାଂଶ ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯାହାକି ତାଙ୍କୁ ଅନେକ କଷ୍ଟ ଦେବା ସହ କିଛି ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇଥାଏ । ତେବେ ବର୍ତ୍ତମାନର ସମୟରେ ମଧୁମେହ, ବେଦବହୁଳତା ହୃଦଘାତ ଏବଂ କ୍ୟାନ୍,ର ପରି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯାହାକି ଶରୀର ପ୍ରତି ବହୁତ କ୍ଷତିକାରକ ହୋଇଥାଏ । ତେଣୁ ଏହିସବୁ ସମସ୍ୟା ଖାସ୍ କରି କ୍ୟାନ୍ସର ପରି ରୋଗଠାରୁ ଦୂରେଇ ରହିବା ପାଇଁ ଏପରି କିଛି ଜିନିଷ ଅଛି ଯାହାକୁ ସେବନ କରିବା ଉଚିତ୍ । ଫଳରେ ଏହା ଆମକୁ ସୁସ୍ଥ ରଖିବା ସହ ରୋଗମୁକ୍ତ ମଧ୍ୟ ରଖିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଗ୍ରୀନଟିରେ କଣ ସବୁ ମିଶାଇ ସେବନ କରିବା ଉଚିତ୍ । ଯାହାଦ୍ୱାରା କ୍ୟାନ୍ସର ପରି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିପାରିବ ।

ଅଦା : ଅଦା ଏପରି ଏକ ଜିନିଷ, ଯାହାର ବ୍ୟବହାର ଖାଦ୍ୟର ସ୍ୱାଦ ବଢାଇବା ପାଇଁ କରାଯାଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଯଦି ଏହା ଗ୍ରୀନ୍ ଟି ସହିତ ମିଶ୍ରିତ ହୁଏ, ତେବେ ଏହା ଅନେକ ଉପାୟରେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଫଳରେ ଆପଣ ଅନେକ କିଛି ସମସ୍ୟାରୁ ମୁକ୍ତି ପାଇ ପାରନ୍ତି । ଏହାର ସାହାଯ୍ୟରେ କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା କର୍କଟ ଭଳି ବିପଜ୍ଜନକ ଏବଂ ମାରାତ୍ମକ ରୋଗକୁ ମଧ୍ୟ ରୋକିଥାଏ । ତେଣୁ ଗ୍ରୀନଟିରେ ଅଦା ମିଶାଇ ସେବନ କରିବା ଉଚିତ୍ ।



୨. ପୁଦିନା ପତ୍ର ଏବଂ ଡାଲଚିନି : କିଛି ଲୋକ ଗ୍ରୀନ୍ ଟିରେ ପୁଦିନା ପତ୍ର ଏବଂ ଡାଲଚିନି ମିଶ୍ରଣ କରିଥାନ୍ତି । କାରଣ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିସହିତ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି କରିଥାଏ । ତେଣୁ ଏହାକୁ ଗ୍ରୀନଟିରେ ମିଶାଇ ସେବନ କରିବା ଦ୍ୱାରା ଏହା ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହ ଓଜନ ହ୍ରାସରେ ମଧ୍ୟ ସାହାର୍ଯ୍ୟ କରେ ।

୩. ଲେମ୍ବୁ : ଯଦି ଲେମ୍ବୁକୁ ଗ୍ରୀନ୍ ଟି ସହିତ ମିଶାଯାଏ ତେବେ ଏହାର ତିକ୍ତ ସ୍ୱାଦ ସାମାନ୍ୟ କମିଯାଏ ଏବଂ ଏହା ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧିରେ ମଧ୍ୟ ସାହାଯ୍ୟ କରିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ । ଯଦି ଆପଣ ଅଧିକ ପ୍ରଭାବ ଚାହୁଁଛନ୍ତି ତେବେ ଗ୍ରୀନଟି କରିସାରିବା ପରେ ଶେଷରେ ଲେମ୍ବୁ ରସ ମିଶାନ୍ତୁ ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ କଳାକାର

ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ସେହି ବ୍ୟକ୍ତିବିଶେଷ ହୁଅନ୍ତି ଯିଏ ଅସାଧାରଣ ହୋଇଥିବେ । ଗିନିଜ୍ ରେକର୍ଡରେ ନାଁ ସାମିଲ ହେବା ପରେ ସେ ବ୍ୟକ୍ତି ବା ମହିଳା ସର୍ବସାଧାରଣରେ ଜଣାଯାନ୍ତି । କିନ୍ତୁ ଆପଣ କ'ଣ ଜାଣିଛନ୍ତି କିଛି ଚର୍ଚ୍ଚିତ ଲୋକ ଏହି ରେକର୍ଡ ଲିଷ୍ଟରେ ଜଡ଼ିତ ବୋଲି ! ତେବେ ଆସନ୍ତୁ ଜାଣିବା ସହି ବହୁଚର୍ଚ୍ଚିତ ବା ବେଶ୍ ଜଣାଶୁଣା କଳାକାରଙ୍କ ବିଷୟରେ ଯେଉଁମାନେ ନିଜ କଳା ବଳରେ ଲୋକଙ୍କ ଭଲପାଇବାର ହକଦାର ହୋଇଛନ୍ତି ଓ ନିଜ କାମ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡର ତାଲିକାରେ ସାମିଲ ହୋଇଛନ୍ତି ।



## ସମୀର ଅନଜାନ

ଗୀତିକାର ସମୀର ଅନଜାନ୍ ବଲିଉଡ୍ ଇଣ୍ଡଷ୍ଟ୍ରୀର ବେଶ୍ ଜଣାଶୁଣା । ତେବେ ସମୀର ଅନ୍ୟ ଗୀତିକାରଙ୍କ ତୁଳନାରେ ସଂଖ୍ୟାଧିକ ଗୀତ ଲେଖି ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ହୋଇଛନ୍ତି । ସମୀରଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରେ ସେ ପାଖାପାଖି ୬୫୦ ଫିଲ୍ମରେ ୪୦୦୦ଗୀତ ଲେଖିଛନ୍ତି । ସମୀରଙ୍କୁ ପ୍ରତ୍ୟେକ ଫିଲ୍ମ ନିର୍ଦ୍ଦେଶକ ନିଜ ଫିଲ୍ମ ପାଇଁ ସବୁ ଗୀତ ଲେଖିବାକୁ କହୁଥିଲେ, ଏବେ କିନ୍ତୁ ର୍ୟାପରମାନଙ୍କ ପ୍ରବେଶ ଯୋଗୁ ଫିଲ୍ମରେ ସମୀରଙ୍କ ଗୀତ ଟିକେ କମିଯାଇଛି ଇଣ୍ଡଷ୍ଟ୍ରୀରେ ।

## ଜଗଦୀଶ ରାଜ



୧୯୨୮ରେ ବ୍ରିଟିଶ ଶାସନ ସମୟରେ ଅଭିନେତା ଜଗଦୀଶ ରାଜ ରାଗୋଧାରେ ଜନ୍ମଗ୍ରହଣ କରିଥିଲେ । ଜଗଦୀଶ ର୍ବିମୋଟ ୧୪୪ ଟି ଫିଲ୍ମରେ ପୋଲିସ ଚରିତ୍ରରେ ଅଭିନୟ କରିବା କାରଣରୁ ତାଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି । ୮୫ ବର୍ଷ ବୟସରେ ଜଗଦୀଶ ଇହଲୀଳା ସମ୍ବରଣ କରିଥିଲେ ।

## ଅଭିଷେକ ବଚ୍ଚନ



ବଲିଉଡରେ ବି ଅମିତାଭ ବଚ୍ଚନଙ୍କ ସୁପୁତ୍ର ଅଭିଷେକ ବଚ୍ଚନ । ଫିଲ୍ମି କ୍ୟାରିୟର ସେତେ ସଫଳ ନ ହେଲେ ମଧ୍ୟ ଅଭିଷେକଙ୍କ ଫ୍ୟାନ ଫଲୋୟର୍ସ କିଛି କମ ନୁହନ୍ତି । ତେବେ ଏହି ମହାଶୟଙ୍କ ନା ଗିନିଜ ୱାଲର୍ଡ ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରିବାର କାରଣ ହେଉଛି ଅଭିଷେକ ୧୨ଘଣ୍ଟା ଭିତରେ ଅନ୍ୟ ସେଲିବ୍ରିଟିଙ୍କ ତୁଳନାରେ ସର୍ବାଧିକ ଥର ଜନସାଧାରଣଙ୍କ ସମ୍ମୁଖକୁ ଆସିଛନ୍ତି । ଏହା ବ୍ୟତୀତ ଅଭିଷେକ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାଏଙ୍କୁ ବିବାହ କରି ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ସାରିଛନ୍ତି ।




ପିଢ଼ି ପରେ ପିଢ଼ି ଲଗାତାର ଚାରି ପିଢ଼ି ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଅଭିନୟ କରି ଆସୁଛନ୍ତି । କପୁର ପରିବାରର ସଦସ୍ୟ ଅଭିନୟ, ନିର୍ଦ୍ଦେଶନା ପ୍ରଯୋଜନା ଆଦି କ୍ଷେତ୍ରରେ ବଲିଉଡ୍ ସହିତ ଜଡ଼ିତ । ପୃଥ୍ୱିରାଜ କପୁର, କପୁର ପରିବାରର ପ୍ରଥମ ସଦସ୍ୟ ଯେ ହିନ୍ଦୀ ଫିଲ୍ମରେ କାମ କରିଥିଲେ । ୧୯୯୯ ମସିହାଡାରୁ ବଲିଉଡର କପୁର ପରିବାର ପାଖରେ ଲାର୍ଜେଷ୍ଟ ସ୍କ୍ରିନ୍ ଫ୍ୟାମିଲି ହେବାର ରେକର୍ଡ ରହିଛି ।

## କୁମାର ସାନୁ




କଣ୍ଠଶିଳ୍ପୀ ସାନୁ ଯେ ଫିଲ୍ମ ଫେୟାରଆୱାର୍ଡରେ ପାଞ୍ଚଥର ବେଷ୍ଟ ପ୍ଲେ ବ୍ୟାକ୍ ସିଙ୍ଗରର ଟାଇଟଲ ହାସଲ କରିଛନ୍ତି । କୁମାର ସାନୁ ହେଉଛନ୍ତି ଗୋଟିଏ ମାତ୍ର ଗାୟକ ଯେ ମାତ୍ର ଗୋଟିଏ ଦିନରେ ୨୮ଟି ଗୀତ ରେକର୍ଡ କରିଛନ୍ତି । ଗୀତ ରେକର୍ଡ କରି କୁମାର ସାନୁ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିପାରିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଖୁଚୁରା ମୁଦ୍ରାସ୍ଫୀତି...

ଗତ ସପ୍ତାହରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ମାର୍ଚ୍ଚ ମାସ ପାଇଁ ମୁଦ୍ରାସ୍ଫୀତିର ସଂଖ୍ୟାଗୁଡ଼ିକୁ ପ୍ରକାଶ କରିଛି। ସେଗୁଡ଼ିକ ଦର୍ଶାଇଛି ଯେ ଖାଉଟି ମୂଲ୍ୟ ସୂଚକାଙ୍କ ଦ୍ୱାରା ମାପ କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ୨୦୨୨-୨୩ରେ ଥିଲା ୬.୭ ପ୍ରତିଶତ, ଯାହା ୨୦୧୩-୧୪ ପରେ ସର୍ବାଧିକ। ଅଧିକ ନିଶ୍ଚିତ ଭାବରେ କହିଲେ, ମାର୍ଚ୍ଚ ମାସ ପାଇଁ ମାସିକ ମୁଦ୍ରାସ୍ଫୀତି ସଂଖ୍ୟା ଫେବୃଆରୀରେ ରହିଥିବା ୬.୪ ପ୍ରତିଶତରୁ ୫.୭ ପ୍ରତିଶତକୁ ଖସି ଆସିଛି। ଏହି ହାର ବ୍ଲୁମ୍‌ବର୍ଗ ଅର୍ଥନୀତିଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀ ଅନୁରୂପ ହୋଇଥିବା ଜଣାପଡ଼ିଛି। ଏହାର ଅର୍ଥ ଭାରତୀୟ ଖାଉଟିମାନଙ୍କ ଦ୍ୱାରା ସାମନା କରାଯାଉଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ମାର୍ଚ୍ଚ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସର୍ବାଧିକ ସହନ ସୀମା ୬ ପ୍ରତିଶତକୁ କମିଛି। ପ୍ରକୃତ ପକ୍ଷେ ମାର୍ଚ୍ଚ ମାସରେ ରେକର୍ଡ କରାଯାଇଥିବା ଖୁସୁରା ମୁଦ୍ରାସ୍ଫୀତି ୫.୬୬ ପ୍ରତିଶତ ଶେଷଥର ପାଇଁ ୨୦୨୧ ଡିସେମ୍ବରରେ ହିଁ ଦେଖାଯାଇଥିଲା। ଏହି ସଙ୍କଟର ମାତ୍ରା ଦୁଇଗୋଟି ପ୍ରମୁଖ ଉପାଦାନ ଉପରେ ନିର୍ଭର କରିବ, ଯେଉଁଥିରୁ ଗୋଟିଏ ବାହ୍ୟ ଉପାଦାନ ହୋଇଥିବାବେଳେ ଅନ୍ୟଟି ଆଭ୍ୟନ୍ତରୀଣ। ଗତ ବର୍ଷ ବିଶ୍ୱ ତିନିଗୋଟି ବଡ଼ ଧରଣର ଆଘାତକୁ ପରିଲକ୍ଷିତ କରିଥିଲା। ଏଗୁଡ଼ିକ ହେଲା- ମହାମାରୀ କରୋନା ବା କୋଭିଡ୍-୧୯, ଯୁଦ୍ଧ ଏବଂ ମୁଦ୍ରାସ୍ଫୀତି। ସାମ୍ପ୍ରତିକ ମୁଦ୍ରାସ୍ଫୀତି ହ୍ରାସ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ବୈଶ୍ୱିକ ଅର୍ଥନୀତିକୁ ଯେ ପର୍ଯ୍ୟନ୍ତ ଅନ୍ୟ କୌଣସି ଆଘାତ ପହଂଚି ନାହିଁ, ଏକ ଦୃଢ଼ ମୌଳିକ ପ୍ରଭାବ ଏବଂ କିଛି ଅନୁକ୍ରମିକ ସଂଯମତା ଅବଲମ୍ବନ ବୁଝାଇବ ଯେ ମୁଦ୍ରାସ୍ଫୀତି ଅଗ୍ରଗତି ଆପଣାଇବା ପୂର୍ବରୁ ଉଲ୍ଲେଖନୀୟ ଭାବରେ ନିମ୍ନଗତି ଆପଣାଇବା। ତଥାପି ଆରବିଆଇର ନିଜର ଭବିଷ୍ୟବାଣୀ ସମେତ ଅଧିକାଂଶ ଭବିଷ୍ୟବାଣୀ ଆଗାମୀ ଏକ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ୪ ପ୍ରତିଶତରୁ ତଳକୁ ଖସିବାର ଆଶା ଦେଖୁ ନାହାନ୍ତି। ମୁଦ୍ରାସ୍ଫୀତିର ପରିଚାଳନା କ୍ଷେତ୍ରରେ ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କ ତୁଳନାରେ ଭାରତ ବେଶ୍ ଭଲ ପ୍ରଦର୍ଶନ କରିଥିବାବେଳେ ତଥା ଏହା ବିଶ୍ୱର ଦ୍ରୁତତମ-ଅଭିବୃଦ୍ଧି ଲାଭ କରୁଥିବା ପ୍ରମୁଖ ଅର୍ଥନୀତି ହୋଇଥିବାର ଆଶାକୁ ବଜାୟ ରଖିଥିବାବେଳେ ଅଭିବୃଦ୍ଧି ତଥାପି ଏକ ଗଭୀର ଚିନ୍ତାର କାରଣ ହୋଇରହିବ। ଏହାର କାରଣ, ରପ୍ତାନୀ ବଜାରରୁ ବିପରୀତ ପରିସ୍ଥିତି ଏବଂ ଉଚ୍ଚ-ସୁଧହାର ଗତିଶୀତଳାପରେ ବୃଦ୍ଧି ହାସଲ କରିବାର ସମ୍ଭାବନା ରହିଛି ଏବଂ ଏହା ଅବଶ୍ୟ ଦେଶର ଅର୍ଥନୀତି ପାଇଁ ଏକ ଆଘାତ ହେବ। ଏହାର ଏକ ପ୍ରତିଫଳନ ଦେଖିବାକୁ ମିଳେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ବିଶ୍ୱ ଅର୍ଥନୀତିକ ଦୃଷ୍ଟିକୋଣରେ, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ଅର୍ଥନୀତିକ ଅଭିବୃଦ୍ଧି ବିଷୟରେ ଭବିଷ୍ୟବାଣୀ କରି କହିଛି ଯେ ଏହା ୬.୧ ପ୍ରତିଶତରୁ ୫.୯ ପ୍ରତିଶତକୁ ଖସି ଆସିବ। ଆଉ ଏହା ଏକ ପ୍ରଶ୍ନକୁ ଆମନ୍ତ୍ରଣ କରେ ଯେ ଆର୍ଥିକ ନୀତି କ'ଣ ଅଭିବୃଦ୍ଧିକୁ ସହାୟତା କରିବାରୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାକୁ ଆଡ଼କୁ ମୁହଁ ଫେରାଇ ନେବ ଏବଂ ଏହା ଉପରେ ଅଧିକ ଗୁରୁତ୍ୱ ଆରୋପ କରିବ। ଆରବିଆଇ ଏହାର ସୁଧହାର ବୃଦ୍ଧିରେ ବିରାମ ଲଗାଇବା ବାବଦରେ ନେଇଥିବା ସଦ୍ୟତମ ନିଷ୍ପତ୍ତିକୁ ଏକ 'କେନ୍ଦ୍ରୀୟ ନୀତି ଭାବରେ ନୁହେଁ, ସାମୟିକ ବିରତି ଭାବରେ' ଦେଖାଯିବା ଆବଶ୍ୟକ ବୋଲି କହିଥିବାବେଳେ ଆର୍ଥିକ ନୀତି ଏକଥା ମନେ ରଖିବା ଆବଶ୍ୟକ ଯେ ଏହା ଏକ ନିର୍ବାଚନୀ ବର୍ଷରେ କାର୍ଯ୍ୟ କରୁଛି ଏବଂ ଅଭିବୃଦ୍ଧି କ୍ଷେତ୍ରରେ ଯଦି କାର୍ଯ୍ୟଗୁଡ଼ିକ କଷ୍ଟକର ମନେହୁଏ, ତା'ହେଲେ ଏହା ତୀକ୍ଷଣ ଦୃଷ୍ଟି ରଖିବା ଭଳି ହୋଇପାରିବ ନାହିଁ, ଅର୍ଥାତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାକୁ ଏହା ଖର୍ଚ୍ଚକୁ ରୋକିପାରିବ ନାହିଁ କିମ୍ବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ଅପେକ୍ଷା ପାଣ୍ଠି ବ୍ୟୟ ଉପରେ ପ୍ରାଥମିକତା ଆରୋପ କରି ବିଜ୍ଞ ବୋଲି ପରିଚୟ ଦେଇ ପାରିବ ନାହିଁ।

ଏହି ଦୁଇଟିଯାକ ସଂକଟର ପରିମାଣ ଦୁଇଗୋଟି କାରକ ଉପରେ ନିର୍ଭର କରିବ ଯେଉଁଥିରୁ ଗୋଟିଏ ବାହ୍ୟ ହୋଇଥିବାବେଳେ ଅନ୍ୟଟି ଆଭ୍ୟନ୍ତରୀଣ। ପ୍ରଥମଟି ହେଉଛି, ଉନ୍ନତ ଅର୍ଥନୀତିଗୁଡ଼ିକରେ ଆର୍ଥିକ କ୍ଷେତ୍ରରେ ସଂକଟ ଅଳ୍ପ କେତେକ ବ୍ୟାଙ୍କର ବାହାରକୁ ଆସୁଛି କି ନାହିଁ ଏବଂ ଦ୍ୱିତୀୟଟି ହେଉଛି, ମୌସୁମୀର ଅବସ୍ଥାବା କାର୍ଯ୍ୟ ସମ୍ପାଦନ, ଯାହା କେବଳ ଦୀର୍ଘକାଳୀନ ହାରାହାରିରୁ ବିପରୀତ ପରିସ୍ଥିତିରେ ବିଚ୍ୟୁତିକୁ ଅନ୍ତର୍ଭୁକ୍ତ କରେନାହିଁ, ବରଂ ଖରିଫ ଫସଲର ଅମଳ ଉପରେ ମଧ୍ୟ ନିର୍ଭର କରେ। ଉପରୋକ୍ତ ଉଭୟ ପ୍ରଶ୍ନ ବାବଦରେ ଆସନ୍ତା ଛଅ ମାସ ଭିତରେ ଅଧିକ ସ୍ପଷ୍ଟ ଚିତ୍ର ସାମନାକୁ ଆସିବ। ଏକଥା ସ୍ମରଣ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଅର୍ଥନୀତିରୁ ରାଜନୀତି କ୍ଷେତ୍ରକୁ ପରିବର୍ତ୍ତିତ ହେବା ସବୁବେଳେ ସମାନ ପାଠକୁ ଅନୁସରଣ କରି ନଥାଏ। ସୂଚନାଯୋଗ୍ୟ ଯେ ନଭେମ୍ବର ୨୦୧୯ଠାରୁ ଆମଦାନୀ ମୁଦ୍ରାସ୍ଫୀତି ଏହାର ସର୍ବକାଳୀନ ନିମ୍ନ ସ୍ତରକୁ ଖସି ଆସିଥିବାବେଳେ ଘରୋଇ କାରକଗୁଡ଼ିକ ମୂଲ୍ୟକୁ ପ୍ରାୟ ୬ ପ୍ରତିଶତ ପାଖାପାଖି ବୃଦ୍ଧି କରି ରଖିବାରେ ସହାୟକ ହୋଇ ଆସୁଛନ୍ତି। ତୈଳ ମୂଲ୍ୟ ଏବଂ ଅନ୍ୟାନ୍ୟ ଅଜଣା ସୂତ୍ରରୁ ମୂଲ୍ୟ ବୃଦ୍ଧିରେ ଖବର ହୁଏତ ଆମଦାନୀ ମୁଦ୍ରାସ୍ଫୀତିକୁ ବଢ଼ାଇ ଦେଇପାରେ। ଡାଲିଜାତୀୟ ଦ୍ରବ୍ୟ, ମସଲା ଏବଂ କ୍ଷୀରର ମୂଲ୍ୟ ସର୍ବାଧିକ ସ୍ତରରେ ରହିଥିବାବେଳେ ସାମ୍ପ୍ରତିକ ଋତୁକାଳୀନ ବର୍ଷାର ଅଭାବଜନିତ ଫସଲ ହାନିର ଆଶଙ୍କା ଯୋଗୁଁ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ପରିବାରମାନଙ୍କୁ, ବିଶେଷକରି ମଧ୍ୟବିତ୍ତ ବର୍ଗର ପରିବାରଗୁଡ଼ିକୁ ଯନ୍ତ୍ରଣାସିକ୍ତ କରିବା ଆଶା କରାଯାଏ। ତେଣୁ ମୁଦ୍ରାସ୍ଫୀତିକୁ ରୋକିବା ନିମନ୍ତେ କୌଣସି ପ୍ରକାରର ଉଦ୍ୟମକୁ ପରିହାର କରିବାର ସମ୍ଭାବନା ରହିନଥିବାବେଳେ ଅଭିବୃଦ୍ଧିକୁ ମଧ୍ୟ ପ୍ରାଥମିକତା ଦିଆଯିବା ଆବଶ୍ୟକ।

# ସାନ ସିନା, ଦାନ ତା ମହାନ୍

## ସୁବାଷ କୁମାର ତାରଣିଆଁ



ଆମେ ଇତିହାସରେ ପଢିଥିଲେ ଯେ ଯେଉଁଠି ୧୨୦୦ ବଢେଇ କୋଣାର୍କ ମନ୍ଦିରର ମୁଣ୍ଡି ମାରିପାରି ନଥିଲେ, ସେଠି ୧୨ ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡ ମାରି ୧୨୦୦ ବଢେଇଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ପ୍ରାଣ ହରାଇଥିଲେ। ଧର୍ମପଦଙ୍କ ମହାନତା ପାଇଁ ଆଜି ବି ଓଡ଼ିଆଜାତି ଗର୍ବିତ। ଆଜି ସିନା ଧର୍ମପଦ ଆମ ଗହଣରେ ନାହାଁନ୍ତି, ହେଲେ ସମାଜକୁ ସେ ଯେଉଁ ବାର୍ତ୍ତା ଦାନ କରି ଯାଇଛନ୍ତି ସେ ବାର୍ତ୍ତାକୁ ଏବେ କି କିଛି ଲୋକ କାର୍ଯ୍ୟକାରୀ କରୁଛନ୍ତି। ନିଜ କଷ୍ଟାର୍ଜିତ ଅର୍ଥରେ କିଣିଥିବା ମୂଲ୍ୟବାନ ସୁନାଚେନଟିକୁ ହରାଇ ଭୀତସ୍ତ୍ର ଅବସ୍ଥାରେ ଥିବା ମାଲିକଙ୍କୁ ସୁନାଚେନଟିକୁ ଫେରାଇ ନିଜର ମହାନତାର ପରିଚୟ ଦେଇଛନ୍ତି ଜଣେ ସ୍ୱଚ୍ଛ ସାଥୀ।

ଗତ ଫେବୃୟାରୀ ମାସ ୨୧ ତାରିଖ ସୋମବାର ଦିନର ଘଟଣା। ଭୁବନେଶ୍ୱର ମାଇକ୍ରୋ କମ୍ପୋଷ୍ଟିଂ ସେଂଟରରେ ସ୍ୱଚ୍ଛ ସାଥୀ ପୂଜା ସିଂ ଅଳିଆ ସଫା କରୁଥିବା ସମୟରେ ଏକ ସୁନା ଚେନ ପାଇଥିଲେ। ପ୍ରାୟ ୬ ଭରି ଓଜନର ସୁନା ଚେନ୍ ପାଇବା ପରେ କୌଣସି ଲୋକ ହୁଏତ ଲୋଭରେ ଏହାକୁ ଲୁଚାଇ ନେଇପାରିଥାନ୍ତା। କିନ୍ତୁ ସଚ୍ଚୋଟ ପୂଜା ସିଂଙ୍କୁ ଲୋଭ ଗ୍ରାସ କରିପାରି ନଥିଲା। ସେ ସୁନା ଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ପ୍ରଶଂସାର ପାତ୍ରୀ ପାଲଟିଛନ୍ତି। ତାଙ୍କର ଏଭଳି ମହାନତା ପାଇଁ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ପୂଜାଙ୍କୁ ସାଧୁବାଦ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ବିଭୂତି ଭୂଷଣ ସେଠୀ, ଗତ ଫେବୃୟାରୀ ୧୮ ତାରିଖ ଦିନ ତାଙ୍କ ମା'ଙ୍କର ଶ୍ରାଦ୍ଧ ଦିବସ ଥିଲା। ତେଣୁ ମା'ଙ୍କ ଫଟୋଚିତ୍ରରେ ଫୁଲମାଳ ପକାଇବା ସହିତ ଶ୍ରାଦ୍ଧ ଦେବା ସମୟରେ ବିଭୂତି ଭୂଷଣ ବେକରୁ ସୁନାଚେନ୍‌ଟି କାଢି ତଳେ ଥୋଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବେକରୁ କାଢିଥିବା ସୁନାଚେନ୍‌ଟି କଥା ସେ ଭୁଲି ଯାଇଥିଲେ। ପରଦିନ ଫୁଲମାଳ ସହ ଶ୍ରାଦ୍ଧରେ ବ୍ୟବହୃତ ହୋଇଥିବା ସମସ୍ତ ସାମଗ୍ରୀ ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ତା' ପରଦିନ ଅର୍ଥାତ୍ ୨୦ ତାରିଖ ସକାଳେ ବିଭୂତି ନିଜ ଘର ଡଷ୍ଟିବନ୍‌ରେ ରଖିଥିବା ସମସ୍ତ ଅଳିଆ ଆବର୍ଜନାକୁ ବିଏମ୍‌ସି ସଫେଇ ଗାଡ଼ି କର୍ମଚାରୀଙ୍କୁ ଦେଇ ଦେଇଥିଲେ। ସେହିଦିନ ମଧ୍ୟାହ୍ନରେ ବିଭୂତିଙ୍କ ସୁନାଚେନ୍ କଥା ମନେ ପଡ଼ିବାରୁ ଘରେ ଖୋଜାଖୋଜି କରିଥିଲେ। ବିଭୂତିଙ୍କର ଠିକ୍ ମନେ ଥିଲା ଯେ, ମା'ଙ୍କ ଶ୍ରାଦ୍ଧ ଦିବସରେ ସୁନାଚେନ୍‌ଟି କାଢି ଫଟୋ ପାଖରେ ରଖିଥିଲେ। ସେଠାରୁ ଅଳିଆ ସାମଗ୍ରୀ ଯେଉଁ ଡଷ୍ଟବିନରେ ପକାଯାଇଛି, ସେହି ଡଷ୍ଟବିନରେ ନିଶ୍ଚିତ ଭାବେ ସୁନା ଚେନ୍‌ଟି ଚାଲିଯାଇଛି। ଏ ନେଇ ବିଭୂତି ବିଏମ୍‌ସି କମିଶନରଙ୍କ ସହିତ ଯୋଗାଯୋଗ କରିବାରୁ ପୂଜା ସିଂ ନାମକ ସ୍ୱଚ୍ଛ ସାଥୀ ସୁନାଚେନ ପାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଭୂତି ନିଜର ପରିଚୟ ସହିତ ପ୍ରମାଣପତ୍ର ଦେଖାଇ ବିଏମ୍‌ସି କାର୍ଯ୍ୟାଳୟରୁ ସୁନାଚେନକୁ ଗ୍ରହଣ କରିଥିଲେ ଏବଂ ବିଭୂତିଙ୍କ ସହିତ ସାରା ପରିବାର ପୂଜା ସିଂଙ୍କ ମହାନତା ପାଇଁ ସାଧୁବାଦ ଜଣାଇଥିଲେ।

ସେହିପରି ଆଉ ଏକ ଘଟଣା ହେଲା, ତୁଳା ବେହେରା ନାମକ ଜଣେ ୭୦ ବର୍ଷର ବୃଦ୍ଧା ଯିଏକି ଫୁଲବାଣୀ ଜଗନ୍ନାଥ ମନ୍ଦିର ପରିସରରେ ଭିକ୍ଷାବୃତ୍ତି କରି ଜୀବନ ବିତାଇ ଆସୁଥିଲେ। ଯେଉଁ ମନ୍ଦିର ଦୁଆରେ ବସି ଭିକ୍ଷାବୃତ୍ତି କରୁଥିଲେ, ସେହି ମନ୍ଦିରର ବିକାଶ ନିମନ୍ତେ ଜୀବନ ସାରା ସଞ୍ଚିତ କରିଥିବା ଅର୍ଥ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ କରିଛନ୍ତି ଏହି ସ୍ୱାମୀ ପରିତ୍ୟକ୍ତା ବୃଦ୍ଧା। ନିଜ ଘରର ପରିଚୟ ଜାଣିନଥିବା ତୁଳା ବେହେରା ଫୁଲବାଣୀ ଜିଲ୍ଲା ଦୁବଗଡ଼ର ପ୍ରଫୁଲ୍ଲ ବେହେରା ନାମକ ଜଣେ ଭିନ୍ନକ୍ଷମକୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀ ଉଭୟେ ସାହିକୁ ସାହି ବୁଲି ଭିକ୍ଷାବୃତ୍ତି କରୁଥିଲେ। ପିଲାଛୁଆ ନଥିବା ତୁଳାଙ୍କ ସ୍ୱାମୀ ୨୦ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱାମୀକୁ ହରାଇବା ପରେ ତୁଳା ଏକୁଟିଆ ବଞ୍ଚିବାକୁ ସଂଗ୍ରାମ ଆରମ୍ଭ କରିଥିଲେ। ଏହାପରେ ସେ ସାହିକୁ ସାହି ଭିକ୍ଷାବୃତ୍ତି କରିବାକୁ ନ ଯାଇ ଫୁଲବାଣୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିଲେ ଓ ମନ୍ଦିର ପାଖରେ ଏକ କୁଡ଼ିଆ କରି ରହୁଥିଲେ। ଭିକ୍ଷାବୃତ୍ତିରୁ ଯାହା ମିଳୁଥିଲା ତାକୁ ସେ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଆଉ ଏକ ପୁରାତନ ମନ୍ଦିରର ବିକାଶ ପାଇଁ ଦାନ କରିବେ ବୋଲି ପରିଣତ ବୟସରେ ତୁଳା ବହୁବାର ମନ୍ଦିରର ପୂଜକଙ୍କୁ କହିଥିଲେ। ଦୀର୍ଘ ୧୦ ବର୍ଷ ଧରି ସେ ଭିକ୍ଷାବୃତ୍ତିରୁ ଯାହା ପାଉଥିଲେ, ତାକୁ ସେ ମନ୍ଦିରର ପୂଜକଙ୍କୁ ଦେଉଥିଲେ। ପୂଜକ ମଧ୍ୟ ଡ଼ାକଘରେ ତୁଳାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲିଥିଲେ। ଇତିମଧ୍ୟରେ ତୁଳାଙ୍କ ସଞ୍ଚୟ ଖାତାରେ ୧ ଲକ୍ଷ ୧୦ ହଜାର ଟଙ୍କା ଜମା ରହିଥିଲା। ତୁଳା ସମସ୍ତ ଜମା ଟଙ୍କା ମନ୍ଦିରର ବିକାଶ ପାଇ ଦାନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୀବନର ଶେଷ ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରି ଯାହା ପାଇବେ, ତାକୁ ସେ ମନ୍ଦିରକୁ ଦାନ କରିବେ ବୋଲି ତୁଳା କହିଛନ୍ତି। ଯେଉଁଠି ବଡ଼ ବଡ଼ ଅଫିସର, ଡ଼ାକ୍ତର, ଯନ୍ତ୍ରୀ, ପିଅନ, ରପରାଶି ମନ୍ଦିରକୁ ଦାନ କରିବା ବଦଳରେ ଲାଞ୍ଚ ନେଇ କୋଟି କୋଟି ଟଙ୍କା ଠୁଳ କରୁଛନ୍ତି, ସେଠି ତୁଳା ବେହେରା ପରିଣତ ବୟସରେ ଭିକ୍ଷାବୃତ୍ତି କରି ମନ୍ଦିରକୁ ଦାନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି।

ଗତ କିଛିଦିନ ତଳେ କଟକର ୬୩ ବର୍ଷ ବୟସ୍କା ମହିଳା ମିନତୀ ପଟ୍ଟନାୟକ ନିଜର ୧ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଜଣେ ବୁଢା ସାମଲ ନାମକ ଜଣେ ରିକ୍ସାବାଲାଙ୍କୁ ଦାନ କରିବା ଘଟଣା ସେତେବେଳେ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। ମିନତୀ ପଟ୍ଟନାୟକ ଦୀର୍ଘ ବର୍ଷ ଧରି କଟକରେ ନିଜର ପରିବାର ସହିତ ରହି ଆସୁଥିଲେ। ହେଲେ ବିଧିର ବିଧାନ ଥିଲା ବଡ଼ ବିଚିତ୍ର। ହଠାତ୍ ମିନତୀଙ୍କ ସ୍ୱାମୀ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ପରେ ପରେ ମିନତୀଙ୍କ ଝିଅ ମଧ ଆରପାରିକୁ ଚାଲିଯାଇଥିଲେ। ଏଥିରେ ବିଚଳିତ ନହୋଇ ମିନତୀ ଧୈର୍ଯ୍ୟର ସହିତ ଜୀବନ ଜୀଇଁ ଚାଲିଥିଲେ ଏବଂ ବୁଢା ସାମଲ ମିନତୀଙ୍କୁ ସମସ୍ତ ସେବା ଶୁଶ୍ରୁଷା ଯୋଗାଇ ଆସୁଥିଲେ। ଦୀର୍ଘବର୍ଷ ଧରି ସେବା ଶୁଶ୍ରୁଷା ଯୋଗାଇବା ପରେ ମିନତୀ ନିଜର ୧କୋଟି ଟଙ୍କାର ଘର, ସୁନା ଗହଣା ଓ ସମସ୍ତ ଆସବାବ ପତ୍ର ବୁଢା ସାମଲଙ୍କ ପରିବାରକୁ ଦାନ କରିଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ମିନତୀଙ୍କ ଏହି ମହାନତା ବିଷୟରେ ଖବର ପ୍ରକାଶ ପରେ ସାରା ଓଡ଼ିଶାରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା।

୨୦୨୨ ମସିହା ଜୁଲାଇ ମାସ ୧୨ ତାରିଖ ସନ୍ଧ୍ୟାରେ ଜଣେ ଅଟୋଚାଳକ ଦୁଇଜଣ ଦମ୍ପତ୍ତିକୁ ରେଳ ଷ୍ଟେସନରେ ଛାଡ଼ିଲା ପରେ ଭୁଲବଶତଃ ସେମାନଙ୍କ ଆଟାଚଟି ଅଟୋରେ ଛାଡ଼ିଦେଇ ଯାଇଥିଲେ। ଏହାପରେ ଅଟୋଚାଳକ ଜଣକ ଭଡ଼ା ବାବଦ ପ୍ରାପ୍ୟ ପାଇଲା ପରେ ମାଷ୍ଟର କ୍ୟାଂଟିନ ଫେରି ଚା ପିଉଥିବା ସମୟରେ ତାଙ୍କର ନଜର ପଡ଼ିଥିଲା ଅଟୋରେ ଥିବା ଆଟାଚ ଉପରେ। ଅଟୋଚାଳକ ଜଣକ ଜାଣିପାରିଥିଲେ ଯେ, ସେହି ଦମ୍ପତ୍ତି ଭୁଲ୍‌ରେ ଆଟାଚଟି ଛାଡ଼ିଦେଇଛନ୍ତି। ସଙ୍ଗେ ସଙ୍ଗେ ଅଟୋଚାଳକ ଜଣକ ରେଲୱେ ଷ୍ଟେସନରେ ପହଞ୍ଚି ଦମ୍ପତ୍ତି ଦୁଇଜଣଙ୍କୁ ଭେଟି ତାଙ୍କ ଆଟାଚଟି ଫେରାଇଥିଲେ। ଆଟାଚରେ ନଗଦ ୫ ଲକ୍ଷ ଟଙ୍କା ଥିଲା ଏବଂ ଆଟାଚ ଫେରିପାଇବା ପରେ ଦମ୍ପତ୍ତି ଦ୍ୱୟ ଅଟୋଚାଳକଙ୍କୁ ସାଧୁବାଦ ଜଣାଇଥିଲେ। ଅଟୋଚାଳକଙ୍କ ବଦାନ୍ୟତା ଯୋଗୁ ଦମ୍ପତ୍ତିଦ୍ୱୟ ତାଙ୍କ ଟଙ୍କା ଫେରି ପାଇଥିଲେ।

ସାମ୍ପ୍ରତିକ ସମୟରେ ରାସ୍ତାଘାଟ, ଦୋକାନବଜାର, ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ଲୋକଙ୍କ ଠାରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଉଛନ୍ତି। ଜମି ଓ ଘରଡ଼ିହ ପାଇଁ ଭାଇ ଭାଇ ଭିତରେ ବିବାଦ ଉଗ୍ରରୂପ ନେଉଛି, ଟଙ୍କା ପାଇଁ ପରିବାର ଭିତରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ବେଳେ, ସ୍ୱଚ୍ଛ ସାଥୀ ପୂଜା ସିଂ, ତୁଳା ବେହେରା, ମୀନତୀ ପଟ୍ଟନାୟକ ଏବଂ ଅଟୋଚାଳକଙ୍କ ବଦାନ୍ୟତା, ମାନବିକତା ଓ ମହାନତା ସତରେ ସ୍ୱାଗତଯୋଗ୍ୟ। ଏହି ତିନିଜଣ ମହିୟସୀ ମହିଳାଙ୍କ ତ୍ୟାଗ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁସରଣ କରିବା ଉଚିତ୍।

କଂଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ଜାଲିଆତିକୁ ରୋକିବ କିଏ ?

## ସୌଭାଗ୍ୟ ରଂଜନ ମହାନ୍ତି



ଜାଲ ଶିକ୍ଷାଗତ ସାର୍ଟିଫିକେଟ ବଳରେ ରାଜ୍ୟର ସରକାରୀ ସ୍କୁଲଗୁଡିକରେ ନିଯୁକ୍ତି ପାଇଥିବା ୧୫୦ଶିକ୍ଷକଙ୍କୁ ଚିହ୍ନଟ କରି ସ୍କୁଲ ଓ ଗଣଶିକ୍ଷା ବିଭାଗ ଚାକିରୀରୁ ବହିଷ୍କାର କରିଥିବା ବେଳେ ଆଉ ୩୦୦ରୁ ଉର୍ଦ୍ଧ୍ୱ ଜାଲ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। କେବଳ ଏତିକି ନୁହେଁ ଜାଲ ପ୍ରମାଣପତ୍ର ଦେଇ ଚାକିରୀ ପାଇଥିବା ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଠିକ୍ ଭାବେ ତଦନ୍ତ କରାଯାଏ, ତେବେ ଜାଲ ଶିକ୍ଷକଙ୍କ ସଂଖ୍ୟା ହଜାର ହଜାରକୁ ଟପିଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କହିବା ବାହୁଲ୍ୟ ଆନ୍ଧ୍ର ତଥା ଓଡିଶା ବାହାର କେତେକ ରାଜ୍ୟରେ ଖୋଲିଥିବା ବିଇଡି ପ୍ରମାଣପତ୍ର ବଳରେ ରାଜ୍ୟରେ ହଜାର ହଜାର ଯୁବକଯୁବତୀ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ନିଯୁକ୍ତି ପାଇଥିବା ଶୁଣାଯାଏ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ମଣିଷ ଗଢୁଥିବା ଶିକ୍ଷାନୁଷ୍ଠାନରେ ଜାଲ ଶିକ୍ଷକ ଗୁରୁ ହୁଅନ୍ତି, ତେବେ ପିଲାଙ୍କ ଭବିଷ୍ୟତ କ'ଣ ହେବ, ତାହା ଭବିଷ୍ୟତ ହିଁ କହିବ। ଏହା କିନ୍ତୁ ସତ୍ୟ ଯେ, ଏହି ଜାଲ ଶିକ୍ଷାଗାତ ପ୍ରମାଣପତର ସୃଷ୍ଟି କର୍ତା। ହେଉଛି ଶିକ୍ଷାନୁଷ୍ଠାନ। ବଲାଙ୍ଗୀରରେ ଥିବ କୋଚିଂ ସେଂଟରରେ ଜାଲ ସାର୍ଟିଫିକେଟ କେନ୍ଦ୍ର ବିନ୍ଦୁ ପାଲଟିଥିବା କ୍ରାଇମବ୍ରାଂଚ ତଦନ୍ତରୁ ଜଣାପଡିଛି। ଏହି ଶିକ୍ଷାନୁଷ୍ଠାନରୁ ଦେଶର ୪୧ଟି ବିଶ୍ୱବିଦ୍ୟାଳୟର ନକଲି ପ୍ରମାଣପତ୍ର ଜବତ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ଏହି ଜାଲ ପ୍ରମାଣପତ୍ର ବିକ୍ରି ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀର ପୋଷ୍ଟମାଷ୍ଟର ବିକ୍ରୀ ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀଣ ପୋଷ୍ଟମାଷ୍ଟର ପଦବୀରେ ନିଯୁକ୍ତି ପାଇଁ ଆବେଦନରୁ ୩୭ଜଣ ଜାଲ ଡିଗ୍ରୀଧାରୀ ଧରା ହେବା ପରେ ଏବେ ଖୋଳତାଡ ଚାଲିଛି। ଇତିମଧ୍ୟରେ କ୍ରାଇବ୍ରାଂଚ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବା ବେଳେ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବାବେଳେ ଜାଲ ସାର୍ଟିଫିକେଟ ବଳରେ ସରକାରୀ ସଂସ୍ଥାଗୁଡିକରେ ନିଯୁକ୍ତି ପାଇଥିବା ୨୦୦ଜଣଙ୍କ ସମ୍ପର୍କରେ ତଦନ୍ତ ହେଉଛି। ତେବେ ଏମାନଙ୍କ ସଂଖ୍ୟା ହଜାରକୁ ଟପିଯିବା ଅସମ୍ଭବ ନୁହେଁ। ଏବେ ରାଜ୍ୟ ହେଉ ବା କେନ୍ଦ୍ର ସରକାର ହୁଅନ୍ତୁ, ବାହାବା ନେବା ପାଇଁ ରାଜନୈତିକ ଫାଇଦା ହାସଲ ପାଇଁ ମେଳା ମାଧ୍ୟମରେ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଉଛନ୍ତି। ଅତୀତରେ ନିଯୁକ୍ତି ମେଳା ମାଧ୍ୟମରେ ରାଜ୍ୟ ସରକାର ଲକ୍ଷାଧିକ ଯୁବକ ଯୁବତୀଙ୍କୁ ଶିକ୍ଷକ-ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାର ଶିକ୍ଷାନୁଷ୍ଠାନର ଡିଗ୍ରୀଧାରୀ ଥିବା କିଛି ଅସମ୍ଭ ନୁହେଁ। ରାଜ୍ୟ ବାହାର ଡିଗ୍ରୀଧାରୀ ଶିକ୍ଷକ ଶିକ୍ଷୟତ୍ରୀ ହୁଅନ୍ତୁ କିମ୍ବା ସରକାରୀ କର୍ମଚାରୀ ହୁଅନ୍ତୁ, ସେମାନଙ୍କ ସମ୍ପର୍କରେ ତଦନ୍ତ କରାଯିବା ଆବଶ୍ୟକ। ସୁଖର କଥା ମହାଡାକପାଳ ଜାଲ ପ୍ରମାଣପତ୍ର ମାମଲାର ସିବିଆଇ ତଦନ୍ତ ପାଇଁ ପତ୍ର ଲେଖିଛନ୍ତି। ଯାହାକି ଏକ ସ୍ୱାଗତଯୋଗ୍ୟ ଏବଂ ସମୟୋଚିତ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଶିକ୍ଷା ବିଭାଗ ନୁହେଁ କି ଡାକ ବିଭାଗ ନୁହେଁ, ଦେଶରେ ନକଲି ଡାକ୍ତରଙ୍କ ସଂଖ୍ୟା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଯେଉଁ ତଥ୍ୟ ପ୍ରଦାନ କରିଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଭୟଙ୍କର ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୪୯ପ୍ରତିଶତ ନକଲି ଡାକ୍ତର କାର୍ଯ୍ୟରତ ଅଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସେହି ଚିରଂଜୀବୀ ଉକ୍ତି ଏହାର ଯଥାର୍ଥତା ବହନ କରୁଛି। 'ଶାଗୁଣା, ବିଲୁଆ ଚିକିତ୍ସକ ହେଲେ ଶବ କି ପାଇପ ପ୍ରାଣ'? ନିକଟରେ ଫକୀରମୋହନ ମେଡିକାଲ କଲେଜରେ ଜଣେ ଯୁବକ ଡାକ୍ତର ବେଶରେ ଦୀର୍ଘ ୨୦ଦିନ ଧରି ରୋଗୀଙ୍କ ଚିକିତ୍ସା କରିବା, ଛାତ୍ରାବାସରେ ରହିଥିଲେ ମଧ ତାକୁ କେହି ଚିହ୍ନଟ କରି ପାରିନଥିଲେ। ଅତୀତରେ ସୁନ୍ଦରଗଡ ଜିଲ୍ଲାରେ ଜଣେ ଦଶମ ପାସ୍ କରି ଦୀର୍ଘ ବର୍ଷ ବର୍ଷ ଧରି ଡାକ୍ତର ଭାବେ ରୋଗୀଙ୍କ ଚିକିତ୍ସା କରିବା ଘଟଣା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରଥିଲା। ସ୍କୁଲ, ଡାକ ଓ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଗଣତନ୍ତ୍ରର ତୃତୀୟ ସ୍ତମ୍ଭର ଅଂଶୀଦାର ତଥା ବୁଦ୍ଧିଜୀବୀ ଭାବେ ପରିଚିତ ଆଇନଜୀବୀ (ଓକିଲ)ଙ୍କ ଶିକ୍ଷାଗତ ପ୍ରମାଣପତ୍ର ନକଲି ଥିବା ଅଭିଯୋଗ ହୋଇଛି। ଦେଶରେ କାର୍ଯ୍ୟରତ ସମସ୍ତ ଆଇନଜୀବୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଂଚ ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ଦେଶରେ ଏବେ ବିଭିନ୍ନ କ୍ଷେତ୍ରରେ ନକଲି, ଜାଲିଆତି ମାଡି ଚାଲିଛି। ନକଲି, ଜାଲିଆତିକୁ ରୋକିବା ପାଇଁ ପୋଲିସ ଠାରୁ ସିବିଆଇ ପର୍ଯ୍ୟନ୍ତ ବହୁ ସଂସ୍ଥା ଥିବାବେଳେ ଆଇନରେ ମଧ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଜାଲିଆତି ନିକଟରେ ଆଇନ ଓ ତଦନ୍ତକାରୀ ସଂସ୍ଥା କେବଳ ଅସହାୟ ନୁହେଁ, 'ଢୋଲ ଭିତରେ ମୂଷା' ବୋଲି କହିଲେ କହିଲେ ଅତିରଂଜିତ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି ଏହାକୁ ରୋକିବ କିଏ?

+ସମ୍ମାନ ଭବନ, ପ୍ଲଟ ନଂ-
୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ-୯୪୩୭୯୯୪୩୭୯




## ଅହଂକାର

### ସତ୍ୟ ସିଂ ବାଗ

ମାନ ମାତାଳ ଅହଂକାରେ
ମୋହିତ ହୋଇ ଦୁର୍ଯ୍ୟୋଧନ
କୃଷ୍ଣଙ୍କ ଶାନ୍ତି ବାର୍ତ୍ତାକୁ
ଅବୁଝା ହୋଇ କଲା ଅସମ୍ମାନ !!
ପୁତ୍ର ଅହଂକାରେ ପଡି
ରାଜା ଧୃତରାଷ୍ଟ୍ର ଜ୍ଞାନେବି ଅନ୍ଧ
ଝିମାଣୀ ଖେଳରୁ ମୁହାଭାରତ
ଯୁଦ୍ଧ କୁଳ ନାସର ହୋଇଲା ସ୍କନ୍ଧ !!
ଦୁରାଚାର କୁଟଙ୍କର
ହୁଏ ନାର ଖାର
ଦୁର୍ବ୍ୟବହାର ଅହଂକାର........
ଅହଂକାର ବସ ହୋଇ
ଦଇତ୍ୟ ହିରଣ୍ୟ କଶ୍ୟପ
ଭକ୍ତ ପ୍ରହଲ୍ଲାଦକୁ
କେତେନିର୍ଯ୍ୟାତନା ଲିପ !!
ଅହଂକାରି କଂସ ରାଜା କଲା
ନିଜ ଭଣଜାକୁ ମାରିବା ଯୁଜନା
ସଫଳ ବା କଣ ହେବ
ସ୍ୱୟଂଙ୍ଗ ଯୁଗେଶ୍ୱରକୃଷ୍ଣ ଆଗମନା !!
ଦୁରାଚାର କୁଟଙ୍କର
ହୁଏ ନାର ଖାର
ଦୁର୍ବ୍ୟବହାର ଅହଂକାର.......
ଅହଂକାରି ରାଜା ଦସାନନ
ମୁହା ମାୟାବୀ ରାକ୍ଷସ
ସ୍ୱର୍ଣ୍ଣମାୟୀ ଲଙ୍କା ତାର
ସୁସଜିତେ ଝଲକୁଥିଲା ଉଆସ !!
ତ୍ରିକାଳ ଦର୍ଶୀ ହୋଇ ବି
ଅହଂକାର ତାର ବୃତ୍ତି
ତେଣୁ ଭାଇ କୁଟୁବଂକୁ ହରାଇ
ଶେଷେ ତାର ଜୀବନ ନାସ୍ତି !!
ଦୁରାଚାର କୁଟଙ୍କର
ହୁଏ ନାର ଖାର
ଦୁର୍ବ୍ୟବହାର ଅହଂକାର.......
ଏକଲି କାଳେ ବହୁ
ଜନେ ଅହଂକାର ର ବସ
ଭାଇ ଭାଇକୁ ମାରୁଛି
ପିଟୁଛି କେତେକରେ ମୀମାଂସ !!
ନିଜର ସର୍ବସ୍ୱ ଭଗବାନେ
କର ସମର୍ପଣା
ଦୟାନିଧି ଦୟା କଲେ
ଅହଂକାର ବୃତ୍ତି ଆସିବନା !!
ଦୁରାଚାର କୁଟଙ୍କର
ହୁଏ ନାର ଖାର
ଦୁର୍ବ୍ୟବହାର ଅହଂକାର.......

+ତେରେସିଂହା, ରିଷିଡା,
କଳାହାଣ୍ଡି-୭୬୬୦୩୧
ମୋ:୬୩୫୩୩୭୪୫୦୯

## ଜଗତେ ମିଳିବ ନାହିଁ

### ଜଗଦୀଶ ସାହୁ

ଫୁଟିଲାଣି ମଲ୍ଲିଫୁଲ
ଛୁଟିଲାଣି ବାସ
ଗୁଣୁ ଗୁଣୁ ସୁରେ ଅଳି
ବୁଲେ ଚଉପାଶ !
ବଢ଼ିଲାଣି ଖରାତେଜ
କମିଲାଣି ଶୀତ
ସକାଳୁ ସକାଳୁ ବହେ
ଶୀତଳ ମରୁତ !
ତାତିଲାଣି ନଈବାଲି
ଫାଟିଲାଣି ମାଟି
ଟପଟପ ପଡ଼େ ପାଚି
ଆମ୍ବ ଗୋଟି ଗୋଟି !
ଜାଳିଲାଣି ଚୁଲ୍ଲୀ ମାଆ
ଉଠିଲାଣି ଧୂଆଁ
ସୁନାଝିଅ ମାଗିଲାଣି
ଖାଇବାକୁ ମୁଆଁ !
ଖୋଲିଲାଣି ବହି ଶମ୍ଭୁ
ବୋଲିଲାଣି ଗୀତ
ଜଗତେ ମିଳିବ ନାହିଁ
ବିଦ୍ୟା ପରି ମିତ !

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

## ବୈଶାଖୀର ତାତି

### କୁନା ସେଠୀ

କ୍ରୋଧାନଳେ ଦେଖ ଜଳୁଛି ବୈଶାଖୀ
ଜାଳୁଛି ସଭିଙ୍କୁ ସିଏ
ଚିତ୍କାର ଶୁଭୁଛି ଗଗନ ପବନେ
ଗରିବଠୁ ଧନୀ ଯାଏ
ପଶୁଠାରୁ ପକ୍ଷୀ ପ୍ରାୟେ
ତାତିର ଦାଉରୁ ମୁକତି ସକାଶେ
ଖୋଜୁଛନ୍ତି ରାହାଟିଏ ।
ବୈଶାଖୀର କ୍ରୋଧ ବୁଝିବା ସକାଶେ
ଲାଗିଛି ତନଖି ଦଳ
ଧ୍ୱଂସ ପ୍ରକୃତି କୁ ଧ୍ୱଂସ ପ୍ରତିକୃତି
ତାତିର ଏ ପରା ଫଳ
ସରି ସରି ଯାଏ ଜଳ
ମଣିଷ ବୁଝୁନି ବୁଝୁଛନ୍ତି ପଶୁ
ଖଟାନ୍ତି ନିଜର ବଳ ।
ମରୀଚିକା ଆଜି ବିରାଜେ ପଥରେ
ଶୂନ୍ୟ ଶୂନ୍ୟ ରାସ୍ତାଘାଟ
ଅଗ୍ନିବରଷଇ ଝାଳ ଝରୁଥାଇ
ଅଂଶୁଘାତ ହୁଏ ଭେଟ
ଲେଉଟାଇ ରବି ପଟ
ଜନ ସେବା ଭୁଲି ମାତିଛି ତପନ
ଜନ କରେ ଛଟପଟ ।
ଶୁଷ୍କ ବନ୍ଧ୍ୟ ଯଶ ପତିତ ମାଟିରେ
ହାହାକାର ଶୁଭେ ଖାଲି
ମଥାନତ କରି ଦ୍ରୁମ ମହାଦ୍ରୁମ
ଡାକେ ତ୍ରାହି ତ୍ରାହି ବୋଲି
ତାତିଯାଏ ମାଟି ବାଲି
ପାଦ ବଖାଣୁଛି ଦୁଃଖ ର କାହାଣୀ
କହି କହି ମଳି ମଳି ।
ଆସିଛି ଧରାକୁ ଧରି ସେ ଖରାକୁ
ଜାଳୁଛି ସେ କ୍ରୋଧାନଳେ
କେଉଁ ଜନମ ର ରାଗ ଶୁଝାଉଛି
ଖରା ତାତି ଧାସ ବଳେ
ଦିବାର ଅନ୍ତ ବେଳେ
ନିଶ୍ୱାସ ମାରଇ ମଣିଷ ଭାଇ ଯେ
ବନ୍ଧୁ ବାନ୍ଧବଙ୍କ ମେଳେ ।
ଶାନ୍ତ କରିବାକୁ ବୈଶାଖୀ ମନକୁ
ଲୋଡ଼ା ବୃକ୍ଷ ଲତା ମାନ
ଶୀତଳ ହୋଇବ ଶୀତଳ ଯନ୍ତ୍ରରେ
ପ୍ରକୃତି ର ଅବଦାନ
ବୁଝିବେ ଯେ ଜନାର୍ଦ୍ଦନ
ବୈଶାଖୀର କ୍ରୋଧ ହୋଇବ ଶୀତଳ
ଶାନ୍ତ ହୋଇଯିବ ମନ ।

+ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ
ମୋ: ୯୧୭୮୫୯୯୩୯

## ଜୀବନର ଝଡ଼

### ନିରଞ୍ଜନ ସାହୁ

ଜୀବନରେ ଯେତେ ଝଡ଼ ଉଠିଲେ ବି
କଦାପି ଭାଙ୍ଗିବ ନାହିଁ
ଭାଙ୍ଗି ପଡିଲେ ତ ସବୁ ସରିଯିବ
ସପନ ରହିବ କାହିଁ ??
ବାଟ ଚାଲୁଚାଲୁ ଝୁଣ୍ଟିବ ନିଶ୍ଚୟ
ଖଣ୍ଡିଆଖାବରା ହେବ
ଗୋଲାପ ତୋଳିଲେ କଣ୍ଟା ତ ଫୁଟିବ
କିଏ ମନା କରିଦେବ
ହାରିବା ନାହିଁ କି ଡରିବା ନାହିଁ ତ
ବିଫଳ ଭୟକୁ ଚାହିଁ ।

ଅଣ୍ଟାକୁ ସଳଖି ପୁଣି ଛିଡାହେବା
ମନକୁ କରିକି ଦମ୍ଭ
ଆତ୍ମ ବିଶ୍ୱାସକୁ ଜାଗ୍ରତ କରିଲେ
ନୁହେଁ କିଛି ଅସମ୍ଭବ
ସଫଳତା ସିଡ଼ି ନିଶ୍ଚୟ ଚଢ଼ିବା
ଆମେ ତ ଆମରି ପାଇଁ ।

+ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୮ ଏପ୍ରିଲ, ମଙ୍ଗଳବାର, ୨୦୨୩

# କବିତାମାଳା

## ରାତି, ଅନ୍ଧାର ଓ ଜୀବନର ନୀଳ ନକ୍ସା

### ଶରତ କୁମାର ଦାସ



ଫଟା କାନ୍ଥର ମଝିରେ ଝୁଲୁଛି ଘଣ୍ଟା
ଟିକ୍ ଟିକ୍ ଶବ୍ଦର ଚଳପ୍ରଚଳ
ଘର ସାରା
ସେଇ ଶବ୍ଦର ଗୁଂଜନରେ
ଆଜି ର ଏ ରାତି ଆତଙ୍କିତ
ଉଜାଗର ପ୍ରହରମାନେ ହତବାକ୍
ଝାରୁଛନ୍ତି ଲୁହ ବିସ୍ମୟରେ ।

ରାତିର ଛାତିରେ ଅବସୋସର ଚିହ୍ନ
ହୃଦରେ ତା'
ମଉଳା ଶେଫାଳୀର କୋହ
ନିଦ ଗୋଟେ ବିଳପିତ ସତ୍ତା
ସ୍ୱପ୍ନ ବି ତ ନିଷ୍ଠୁର ।

ଅନ୍ଧାରର ନିର୍ଘାତ ଆକ୍ରମଣରେ
ରାତିର ନିଃସର୍ତ୍ତ ଓ ନିରୀହ ଆତ୍ମସମର୍ପଣ
କାହିଁ କୋଉ କାଳର ଅସହାୟତାରେ
ଅପହଂଚ ଲାଗେ ଜହ୍ନର ସହର ।

ସେଇ ଅନ୍ଧାରର ଘନ ବଳୟରେ
ଆଜି କାହିଁ ଅସ୍ପଷ୍ଟ ଦିଶେ
ଚିତ୍ରିତ ଜୀବନର ନୀଳ ନକ୍ସା
ଦକ୍ଷିଣା ପବନ ପିଠିରେ
ସବାର ହୋଇଛି
ସତେ ଯେମିତି ଯୁଗ ଯୁଗର ଉଦାସପଣ
ଡେଙ୍ଗା ବାଉଁଶ ମୁଣ୍ଡରେ ଲଟକିଛି
ମହଣ ମହଣ ବୋଝ ।

ପ୍ରତାରଣାର ଅସହ୍ୟ ବିଷଜ୍ୱାଳାରେ
ଆଉଟୁ ପାଉଟୁ ହେଉଛି
ସ୍ୱର୍ଦ୍ଧିତ ନିଃଶ୍ୱାସ ଓ ବିଶ୍ୱାସ ।

ଏ କ'ଣ ସେ ନିଷ୍ଠୁର ସତ୍ୟର
ପ୍ରଳୟ-ପର୍ବ ?
ଏ କ'ଣ ଯୁଦ୍ଧର ସେ ଶେଷ ଆଭାସ ?
ଯୋଉଥିରେ ଧସେଇ ପଶିବ
ସେ ଅଦୃଶ୍ୟ ତଥା ଶିଥିଳ ଆଲିଙ୍ଗନ ।

ଆଗ୍ନେୟଗିରିରୁ ନିର୍ଗତ ହେବ ଲାର୍ଭା
ଆପଣେଇବାକୁ ପଡିବ
ନିଜ ଝାଉଁଳା ଛାଇକୁ ନିରୋଳାରେ
ଖୁବ୍ ସତର୍କତାର ସହିତ ଏକା ଏକା ।

ହୁଏତ କିଛି ସମୟ ପରେ
ଘଣ୍ଟାର ସେ ଟିକ୍ ଟିକ୍ ଶବ୍ଦ
ଆଉ ନଥାଇପାରେ
ହଜିଯାଇପାରେ କେତେବେଳେ
ଏ ବିଶ୍ୱସ୍ତ ଅନ୍ଧାରର ନିଷିଦ୍ଧ
ଇଲାକାରେ ।

ମାତ୍ର ଏ ରାତି ସେମିତି ଚାହିଁଥିବ
ଉନିଦ୍ର ଆଖିରେ
ଶେଷ ନିଦ ଟିକକ ପାଇଁ ।

ସେତେବେଳେ ନା ଥିବ ତର୍କ ବିତର୍କ
ନା ଥିବ ହାରିବାର ଭୟ
ଅବା ଜିତିବାର ଉଗ୍ର ଅହଙ୍କାର
ଯାହା କେବଳ ଥିବ ନୀରବ
କୋଳାହଳ
ନିଜ ନପାରିଲାପଣର ।

+ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଭାଗ୍ୟ ରେଖା

### ହରିଶ୍ଚନ୍ଦ୍ର ବେହେରା



ବେଶି ଦୁଃଖ ପଡିଲେ
ମୁଁ ଅନାଏ ହାତକୁ
ପୋତି ହୋଇ ଆସୁଥିବା
ଭାଗ୍ୟରେଖାକୁ
ଆଙ୍ଗୁଳି ରେ ରଗଡେ
କଟା ଦାଗ ଦେଖେ
ଲମ୍ବୁଛି କି ଛିଡୁଛି ପରଖେ ।

ପ୍ରାରବ୍ଧ କୁଆଡ଼େ ତିଆରିକରେ ଭାଗ୍ୟ
କହିଥିଲେ କେହି ଜଣେ ଜ୍ୟୋତିଷ
କପାଳରେ ଲେଖା ହେଇଛି
ଜୀବନ ଗାଥା
ପଢିପାରିଲେ ହେଲା !

ପଢ଼ା ଛୁଟିରେ ଯାଇଥିଲି ଗାଁକୁ
ବାହା ହେଇ ପାରିନଥିବା ବୟସୀ
ବ୍ରାହ୍ମଣ କନ୍ୟାଟେ
(ଗାଁ ଡାକରେ ହେମ ଅପା)
ବଢ଼େଇ ଦେଲା ତା' ଶିରାଳ ହାତ
ପ୍ରଥମେ ଅନେଇଲି ତା' ଆଖିକୁ
ଅନେକ ଗହୀରରେ ଲୁହ ଢଳ ଢଳ
ହେଉଥିଲା
ସେଇଠି ଗାଢ଼ ହୋଇ ଦିଶୁଥିଲା
ରେଖାଟିଏ ।

ମନେ ପଡ଼ିଲା ସଚିବାବୁଙ୍କ ହାତ ଗଣ୍ଠ
ଭଙ୍ଗା ମନ ଯୋଡ଼ି ପାରୁଥିଲା ଭଣ୍ଡ
ଜ୍ୟୋତିଷ
କେଇଟା ପଇସା ବିନିମୟରେ ।

ମୋତେ ବି ଯୋଡ଼ିବାକୁ ହେବ
ଭଙ୍ଗାମନ
କଅଁଳ ସରାଗ ବିନିମୟରେ
କହିଲି ଗୋଟିଏ ବର୍ଷ ଭିତରେ
ତମ ବାହାଘର ପକ୍କା ।

ଝିଅଟି ମୁହଁ ରେ ଖେଳିଗଲା ସ୍ମିତ ହସ
ମରୁଭୂଇଁ କୁ ଉଲ୍ଲେହି ଆସିଲା ସତେକି
ଝରଣା ଟିଏ

ସତକୁ ସତ ବର୍ଷେ ଭିତରେ
ଝିଅଟି ବାହା ହୋଇ ଗଲା
ହେଇ ପାରେ ଟେଲିପାଥି
କିନ୍ତୁ ଗାଁ ଆଖିରେ ମୁଁ ପାଲଟିଗଲି
ତିଥି ବାର ନକ୍ଷତ୍ରଙ୍କୁ ମଣ କରି
ପାରୁଥିବା
ଫଳିତ ଜ୍ୟୋତିଷ ।

ଛୁଟିରେ ଆସିଲେ ମୋର ନିସ୍ତାର
ନଥିଲା
ମାଳ ମାଳ ହାତ / ମାଗଣା
ଜ୍ୟୋତିଷ ବିଦ୍ୟା
କମ୍ କଥା !!

ବୟସର ଅପରାହ୍ଣରେ
ପୋତି ହୋଇ ଆସୁଛି
ମୋ ଭାଗ୍ୟରେଖା
ଫାଟି ଫାଟି ଆସୁଛି ମାଟି ହାଣ୍ଡିର
କପାଳ
ମୋ ଠି କାମ ଦେଉନି ମୋ ଜ୍ୟୋତିଷ
ବିଦ୍ୟା
ଆଉ କେଉଁ ଜ୍ୟୋତିଷ ପାଖକୁ ଯିବି
ଯୋଡ଼ିବା ଲାଗି ଭଙ୍ଗା ମନ
ଏବେ !!

+ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ଫଗୁଣ ଯାଇଛି ଚାଲି

### ପ୍ରଭାତ କୁମାର ନାୟକ



ଫୁଟିଥିଲା ପ୍ରୀତି ଫୁଲ ଏ ମନ
ଗହନ ବନେ
କେତେ ରୂପ ରଙ୍ଗ ଆଉ ବାସନା ଖେଳାଇ,
କୋକିଳର କୁହୁ ତାନ ବଉଳ ପେନ୍ଥିର ବାସ
ଝର ଝର ଝରୁଥିଲା ମନକୁ ଝୁମାଇ ।

ନଈ ପଠା ଆମ୍ବ ତୋଟା ସୋରିଷଫୁଲର ହସ
ଲାଗିଥିଲା ମନେ ମୋର ପ୍ରୀତିର ପାର୍ବଣ,
ଭିଜୁଥିଲି ରାତି ରାତି ଜୋଛନାରେ ଏକା ବସି
ଗଣୁଥିଲି ତୁମ ଆସିବାର ତିଥି ବାର ଦିନ ।

ବୈଶାଖର ରୋଦ୍ରତାପ ମୋ କାନରେ କହି ଗଲା
ତୁମେ କାଲେ ଫେରିବନି ଏ ଫଗୁଣ ସାଥିରେ,
ଶିନ୍ଥିରେ ସିନ୍ଦୁର ନାଇ ପ୍ରେମକୁ କବର ଦେଇ
ସୁନା ଘର ଗଢ଼ିବକୁ ଚାଲି ଗଲ ଆଉକା ସାଥିରେ ।

ସେବେଠୁ ଜଳୁଛି ମନ ଆତ୍ମା ଇନ୍ଦ୍ରିୟ ପରାଣ
ଧୀରେ ଧୀରେ ଝାଉଁଳିଛି ପ୍ରେମ ଫୁଲ ବନ,
କି ଅବା କରିଲି ଦୋଷ ପ୍ରେମେ ମୋ ଭରିଲ ବିଷ
ମୋ ଯଉବନ ଜଳିଗଲା ତୁମ ପାଇଁ ଜାଣ ।

ମନ ଏଠି ଛାଡି ଗଲ ଶରୀରକୁ ନେଇ ଆହା
ପାଲଟିଲ ଗନ୍ଧହୀନ ବଣର ପଳାସ,
ଜନମ ଜନମ ପାଇଁ ପ୍ରେମ ମୋ ଅମର ରହୁ
ଏ ଜୀବନ ସରିଯାଉ ଭରି ଅବଶୋଷ ।

ଆଜି ତୁଠର ପଥର ସାଜି ନଦୀକୁ ମୁଁ ଶୁଣାଉଛି
ଦୁକୁ ଦୁକୁ ଜଳୁଥିବା ମୋ ପ୍ରେମ କାହାଣୀ,
ଫଗୁଣ ଯାଇଛି ଚାଲି ମୋ ଆଖିରେ
ଭରି ଦେଇ ଅଶରା ଏ ଲୁହର ଶ୍ରାବଣୀ...।

+ ମଧୁପୁର, ଭଦ୍ରକ, ଓଡିଶା
ମୋ: ୮୧୨୨୮୦୩୨୪୬

## ଋତୁରାଗ (୧)

### ଦୀପ୍ତି ଦାସ



ତୁମ ପଳାସ ଅଧର
ତୃଷ୍ଣାର ତୀର
ସତେ ଅବା ତୁମେ
ରିକ୍ତ ମରୁର ବାଟୋଇ
ତୁମ, ନିଦାଘ ମନର କୃଷ୍ଣଚୂଡ଼ାର
ଗୁଣୁ ଗୁଣୁ ଗୀତି ବିରହର ମଲାନଇ

ସତେ ଅବା ତୁମେ
ଦେଶ ଦେଶାନ୍ତରୀ
ପ୍ରେମିକ ଅଧୀର ପାଗଳ ଭଅଁର
ଭ୍ରମରେ ପଡ଼ିଛ ମାୟା ମରୀଚିକା
ପଦ୍ମିନୀ ନଈ କୂଳେ
ଛାତିରେ ଛାତିଏ ଭରାଭରା ତାତି
ଅଜାଡ଼ି ଦେବ କି

ଚାନ୍ଦିନୀ ରାତି ଚମ୍ପକ ଛାତି
ପାନ୍ଥଶାଳାର କୋଳେ
ତାର ଚମ୍ପା ବଉଳ ଛାତି ତଳେ ତଳେ
ସୁହାଗ ସଞ୍ଜ ସୁରା
ପରଶି ଦେବ ସେ ପ୍ରୀତିର ପିଆଲା
ସ୍ମିତ ଅଧର ଧାରା

ତୁମ ଆଖିର ଉଆଁସ
ଆତୁର ପଡର
ଆସିବ କି କାଳେ
କାଳ ବଇଶାଖି ଝଡ଼
ତଥାପି ତୁମେ ତ ଦୂର ତାଳବଣେ
ବାନ୍ଧିଦେଇଛ ବାଇଆ ମନର
ଆଶାର ସବୁଜ ନୀଡ଼

ତୁମେ ପହିଲି ଋତୁର ଚନ୍ଦନରାଗ
ଝରା ବଉଳର ବିଥି

ତୁମ ଛାତିରେ ଛାତିଏ ବାସ୍ପାବିଭୋର
ଆସିବ କି ଥରେ
ଅଳସ ଅଧୀରେ
ମଧୁମଙ୍ଗଳ ମାୟା ମହ୍ଲାର
ବର୍ଷାବିଧୁରା ତିଥି....

♥ଅରଡ଼ ବଜାର, ବାଲେଶ୍ୱର
ମୋ: ୯୮୬୧୪୬୬୪୫୩

## ପ୍ରଥମ କ୍ଷତ

### ଗଜାନନ ମିଶ୍ର

ରହିଯାଏ ସବୁଦିନ ପାଇଁ
ପ୍ରଥମ କ୍ଷତ ଆଉ
ଦେଉଥାଏ ଆନନ୍ଦ।

ମୁଣ୍ଡରୁ ଖସେନା ଭୂତ,
ଆକାଶ ଖସେ।
ଆକାଶରୁ ତାରା ଖସେ,
ଉଡୁଥାଏ ପାରା।

ଯେତେ ସେତେ ଖବରରେ
କେତେ ଦୂର କିଏ ଯାଏ,
ପଡେ ନା ଜଣା।

ଝାଂପୁରା ଗଛ ଭିତରେ
ଉଭା ହୁଏ ଦେବୀ,
ରାଜରାସ୍ତା ଦୁଲୁକେ
ଘଣ୍ଟଘଣ୍ଟା ଢୋଲ ମହୁରୀରେ।

ଅକ୍ଷତ କ୍ଷତ ଝଲକୁ ଥାଏ
ଆଉ ସବୁ ସମୟରେ
ଯୋଉଠି ଯିଏ ପାଣିରେ ପବନରେ।

ଆଉ ଯିଏ ଯାହା କହେ
କିଏ ପଚାରେ ?
ପାଣି ଆଉ ପବନରେ
ଆକାଶର ଗାତ ପୂରେ ମାଟିରେ।

ତପୋବନ, ଟିଟିଲାଗଡ





## ପ୍ରେମ... !

### ସୁରେନ୍ଦ୍ର ନାଥ ସାହୁ



ପ୍ରେମର ନାହିଁ ଦିହ ରୂପ ରଙ୍ଗ
ଯେତେ ମୁହଁ ସେତେ ରାଗ।
ସେ କଥାକୁହା କାଚହୀନ ଆଇନା
ତା ଦେହରେ ଦେଖି ହୁଏ
ଅନାବିଳ ହୃଦୟର ସମ୍ପୂର୍ଣ୍ଣ
ସରଳ ଭାବନା।
ଫୁଲଠାରୁ ସୁନ୍ଦର ପବନଠାରୁ କୋମଳ
ଚୋରା ଚଇତି ଠାରୁ ବି ସେ ଛଳିଆ।
ଲାଗେ ସେ ବେଳେ ବେଳେ
ହାତ ତିଆରି
ଜୀବନ୍ତ ଦରଦୀ ରଙ୍ଗମହଲ ଭଳିଆ।
ସେ ପୂଣ୍ୟ ସଂଯୋଗର ମହା ପ୍ରସାଦ
ଲାଗେ ସଭିଙ୍କୁ ଅତି ବଢ଼ିଆ ।
ମଧୁର ବ୍ୟାଧିଟିଏ ସେ
ବିମଳ ଭାବର ଅମର ଆଭା
ଅଭାବିର ଲୁଣ ପଖାଳ କଂସାରେ ବି
ଦେଇଥାଏ
ଅପୂର୍ବ ସ୍ୱାଦ ଛପନ ଭୋଗିଆ।
କରିଦିଏ ଭିଡରେ ସହସା ଏକଲା
ତାର ନିଶୂନ୍ ରାସ୍ତାରେ ଲାଗି ରହିଥାଏ
ସଦା
ମନଜିଣା ଏକ ସୁନ୍ଦର ପାଲା ।

କାଳ ଭୋଳ ଜଞ୍ଜାଳ ଗରଳ
ମାୟା ମୋହ
ଜାହା ବି କହୁ ଯେ ଜଗତ
ହେଲେ ସେ କାହାକୁ ଛାଡେନା
ସବୁଠି ରହିଥାଏ ସେ
ଲଗାଇ ଅଲଗା ନୂଆ ଏକ ଦୃଶ୍ୟ
ଅଦୃଶ୍ୟ ଝମେଲା।
ସେ ସ୍ଥିର ନିର୍ମଳ ହୃଦୟରେ
ପ୍ରାଞ୍ଜଳ ଦିଶୁଥିବା ଛବି।
ଅମା ଅନ୍ଧାର ବେଳାରେ
ଆଶା ଭରଷା ବିଶ୍ୱାସର
ଏକ ଛୋଟ କିନ୍ତୁ ବିସ୍ତୃତ ଆଲୋକପ୍ରଦ
ସମର୍ପିତ ସହଚର ରବି।
ଦେଖିହୁଏ ତା ଦେହରେ ନିଜର ଜୀବନ
ଆଙ୍କିହୁଏ ଅଦେଖା ଭବିଷ୍ୟତର
ସୁଖ ସମୃଦ୍ଧି ଉଦିୟମାନ।
ହେଲେ ହେ ପ୍ରେମ ସତରେ
ତୁମେ କିଏ ?

ତୁମେ ନିଜ ପସନ୍ଦ ଅର୍ଜିତ
ସବୁ ଠାରୁ ମୂଲ୍ୟବାନ ସମ୍ପତି
ନା ପବିତ୍ର ପ୍ରାରବ୍ଧର କପାଳ ଲିଖନ
ନା ପ୍ରକୃତି ପାନ୍ଥଶାଳାର
ଅବୁଝାଗତିମାନ ଗଣିତ
କରି ହେଉ ନାହିଁ ତୁମର କିଛି
ମୂଲ୍ୟାଙ୍କନ।
ତୁମେ ଯାହା ବି ହୁଅ
ମୁଁ ତୁମକୁ କହି ବି ସତର ସାଥୀ
ମୋ 'ସ୍ୱପ୍ନା'... !
ଆଉ ଅକାରଣେ
ବଦନାମ ହୋଇଥିବା ଏକ ସୁଦଶା
ଏକ ଦୋଳାୟମାନ
ମନମୋହକ ମମତା।
ଏକ ଅଥୟ ଶାନ୍ତୀର ଅଶାନ୍ତ ଗରିମା
ଏକ ବିଡମ୍ବିତ ସୁଜାତାର ଅକ୍ଷାୟୁ
ଅମଳିନ କବିତା।
ତୁମକୁ ଜାଣି ଶୁଣି ବୁଝିସୁଝି ପଢି
କେବେ ଲେଖି ଶେଷ କରି ହୁଏନା
ଭାବି ଭାବି ବେଳେ ବେଳ
ଥକିଯାଏ ମଥା।

କଳମ୍ବ(ଡିହସାହି),
ପୋଲସରା, ଗଞ୍ଜାମ
ମୋ : ୮୧୨୮୯୧୯୨୫୬

## ପ୍ରିୟତମା

### ଦିବାକର ନାୟକ



ଉଦୁଉଦୁମା ତାଳ ଗୋଟମା
ତଳ ପାହୁରାଣି ପିତଳ ଶମା
ଏମିତି କାହିଁ ନ ଥିବ ଜମା
ସରଗ ସୁନ୍ଦରୀ ମୋ ପ୍ରିୟତମା ।

କନକ ଚମ୍ପା ଗୋରୀ ମୁହଁକୁ
ପଦୁଅଁ ପାଖୁଡା ଅଧର ସାଜେ
ନାଲିଆ ପାଟ ପିନ୍ଧି ଚାଲିଲେ
ଲୁଚିବ ସାଧବ ବୋହୂଟି ଲାଜେ

ପିତଳ ନୁହେଁ ଅସଲି ସୁନା
କୋଟିକେ ଗୋଟିଏ ମୋ ପ୍ରିୟତମା..
ଏମିତି କାହିଁ ନ ଥିବ ଜମା
ସରଗ ସୁନ୍ଦରୀ ମୋ ପ୍ରିୟତମା ।

ଅପରୂପାକୁ ବଳିବ କିଏ
ଗୋଟିଏ ଚାଉଁଳେ ଗଢ଼ାଟି ସିଏ
ସରଗ ଚାନ୍ଦ ଆଉ କି ଲୋଡ଼ା
ଏମିତି ରୂପସୀ ପାଇଛି ଯିଏ

ପ୍ରିତି-ସାଗର ମହୁ-ଝରଣା
ଏମିତି ଗୁଣର ମୋ ପ୍ରିୟତମା..
ଏମିତି କାହିଁ ନ ଥିବ ଜମା
ସରଗ ସୁନ୍ଦରୀ ମୋ ପ୍ରିୟତମା ।

ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

## ଚିଠି

### ବାବାଜୀ ଚରଣ ଜେନା



ଦିନଟା ଯାକର କାମର ଭିଡରେ
ଚିଠି ଲେଖିବାଟା ଭୁଲିଗଲି
ସମୟ କେଉଁଠି ମିଳୁଛି କୁହ ତ'
ବଡ଼ ବାବୁ ଆମ କଡା ଭାରି
ଚିଠି ଲେଖିବାକୁ ଭୁଲିଗଲି ।

ବଞ୍ଚିବା ପାଇଁକି ଖାଏ ଦି'ଟା ଯାହା
ପୁରୁ କି ନ ପୁରୁ ପେଟ ମୋର
ଦି'ଦିନ ହେଲାଣି କାହିଁକି କେଜାଣି
ଦେହ ଲାଗୁଅଛି ଜରଜର
ଏଇ ପରବାସେ ଅଛିକେ ପାଖରେ
ଦେହ ହାତ ଘସି ଦେବ ବୋଲି
ଚିଠି ଲେଖିବାକୁ ଭୁଲିଗଲି ।

ସକାଳରୁ ସଞ୍ଜ ଖଟିଖଟି ଯାଏ
ନିଜ ପାଇଁ ନିଘା ରଖେ ନାହିଁ
ନକଲେ ନହୁଏ ସରକାରୀ କାମ
ଆଗ ଭଳି ଆଉ ଢିଲା ନାହିଁ
ତଳକୁ ଉପର ହୋଇହୋଇ ଯାହା
ବେଳ ଯାଏ ତଦାରଖ କରି
ଚିଠି ଲେଖିବାକୁ ଭୁଲି ଗଲି ।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର କଟକ-୪
ମୋ:୯୪୩୭୮୩୪୭୧୯

## ମନ ବର୍ଣ୍ଣବୋଧେ ସଖୀ ପ୍ରାଣପ୍ରିୟା

### ତାରାପ୍ରସାଦ ଜେନା



ଶବ୍ଦ ବର୍ଣ୍ଣବୋଧ ଆଉ ଲେଉଟୁନି
ଅଭାବର ଘମାଘୋଟ
ଭାବ ଯୋଡ଼ି ପୁଣି ତୁମେ ପଶିଗଲ,
ବନ୍ଦହେଲା ଛଟପଟ
.....ଶବ୍ଦ ବର୍ଣ୍ଣବୋଧ ଆଉ
ଲେଉଟୁନି..... !

ମନ ଉପବନେ ହସ ଫୁଟୁଥିଲା
ଲାଗୁଥିଲା ମଉଳିବ
ଗ୍ରୀଷମର ସେଇ ବିରହର ଧାସ
ଦେଇଥିଲା ପରାଭବ,
ଆଜି ପ୍ରେମ ଆଉ ବିପରୀତ ନୁହେଁ
ଜୀବନର ନଟକୂଟ
...ଶବ୍ଦ ବର୍ଣ୍ଣବୋଧ ଆଉ
ଲେଉଟୁନି..... !

କଳପନା ରଙ୍ଗ ଲୁହ ପାଣିଚିଆ
କରିଥିଲା ଦିନେ ଅଧେ
ପାଖେ ଦୂରେ ଗଲେ କେମିତିକା
ଲାଗେ
ଅବୁଝା ମୁଁ ଥିଲି ବୋଧେ,

ଶବ୍ଦ ଏବେ ମୋର ପୁଣ୍ୟ ତୂଳୀ ରୂପେ
ବିଚିତ୍ରିତ ଚିତ୍ରପଟ
...ଶବ୍ଦ ବର୍ଣ୍ଣବୋଧ ଆଉ
ଲେଉଟୁନି..... !

ଆଖି କରି କେହି ଆମ ଭାବ ଶବ୍ଦେ
ବସାଇବ ନାହିଁ ଭାଗ
ମନ ଅଭିଧାନେ ସବୁ ଅର୍ଥ ସତେ
ପାଲଟିଲା ଅନୁରାଗ,
ଶବ୍ଦ ଅନୁପମା ସଖୀ ପ୍ରାଣପ୍ରିୟା
ଆହ୍ଲାଦିତ ମନମୋଟ
.....ଶବ୍ଦ ବର୍ଣ୍ଣବୋଧ ଆଉ
ଲେଉଟୁନି..... !୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
ମୋ:୯୩୪୮୦୫୪୩୦୦

## ଆସ କି ନଆସ !

### ବାବୁଲୁ ପଧାନ



ତମେ ଦେଇଥିବା ଅମାପ ପ୍ରେମର
ଅବଶିଷ୍ଟାଂଶକୁ ନେଇ
ମୁଁ ବଞ୍ଚିଯିବି, ମୋର ଅବଶିଷ୍ଟ
ଆୟୁଷ;
ଗୋଟେ ଶେଷହୀନ ପ୍ରତୀକ୍ଷାର,
ସଜଳତମ ସ୍ୱପ୍ନରେ
ଧିରେ ଧିରେ ମଉଳି ଯାଉଥିବା ସ୍ମୃତି-
ପାଖୁଡ଼ାରେ
ତମକୁ ଖୋଜୁଥିବି ନିତି ବେଳ
ଅବେଳରେ, ସଞ୍ଜ ସକାଳରେ ।

ମୋର ଛାତିରୁ ଓହ୍ଲେଇ ଆସୁଥିବା
ସବୁତକ ନିଃଶ୍ୱାସ
ଉଚ୍ଚାରୁଥିବେ ତମକୁ ଶେଷ
ମୁହୂର୍ତ୍ତଯାଏ-
ତମ ନଥିବାପଣର ଉଦାସୀନତାରେ
ଏ ଦେହ, ସ୍ନାୟୁ, ପରମାୟୁ
ସମସ୍ତେ ଜଳୁଥିବେ
ତିନି ଯୁଗକୁ ଲଙ୍ଘି, ଅନନ୍ତ କାଳଯାଏ।

ଏମିତି ଫେରୁଥିବ ଜହ୍ନ,ହାଣ୍ଡିରେ
ଫୁଟୁଥିବ ଭାତ
ବନପକ୍ଷୀ ଗାଉଥିବେ ଫଗୁଣରେ ଗୀତ
ତମେ ତ ନଥିବ !
ନଥିବ ତମର ଉଦାସୀ ଆଖିର ଢେଉ,
କଥାକୁହା ଚାହାଣି ଓ
ଶବ୍ଦରୁ ଝରୁଥିବା ମହୁ ।

ଜାଣିଛି ତମେ ମନସ୍ଥ କରିସାରିଛ !
ନଭାଙ୍ଗିବାକୁ ତମର ଅନିର୍ଦ୍ଦିଷ୍ଟ
ଅଭିମାନର ଅନସନ,
ନଶୁଣିବାକୁ ଘୋ ଘୋ ହୋଇ
ଗର୍ଜୁଥିବା, ଏ ହୃଦ୍‌ପିଣ୍ଡର ଗର୍ଜନ;
ନଦେଖିବାକୁ କ୍ୟାଲେଣ୍ଡରରୁ
ଖସିପଡୁଥିବା ଦିନ ।

ହଁ, ତମେ ଆସ କି ନଆସ !
ଏ ଖାଣ୍ଡବ ବନେ
ମୁଁ ସଦା ତମପାଇଁ ଧ୍ୟାନସ୍ଥ
ବରଣକରି ନାନା ଦହନ, ମାନ,
ଅପମାନ ;
ମନର ମାନଚିତ୍ରରେ, ଆଖି
ଆଇନାରେ
ଖଞ୍ଜିଦେଇ ସୁଦୀର୍ଘ ସପନ।

ଗବେଷକ, ଭାଷା ଓ ସାହିତ୍ୟ
ବିଭାଗ,
ଫକୀର ମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
ମୋ-୬୩୭୨୧୩୨୭୭୫୯

## ହେ ମୂଢ ମାନବ

### ପ୍ରଦୀପ୍ତ ଆଚାର୍ଯ୍ୟ



ହେ ମୂଢ ମାନବ,
ଦେଖିକି ପାରୁନ,ଜାଣିକି ପାରୁନ,
ପ୍ରକୃତିର ଉଗ୍ର ରୂପ ?
ସକାଳଟାରୁ ବାହାରେ ଅଗ୍ନିବର୍ଷା,
ଜନମାନବ ଶୂନ୍ୟ ରାଜରାସ୍ତା,
କଣ ପାଇଁ ?କେଉଁ କାରଣରୁ,
ପ୍ରକୃତିର ଏ ତାଣ୍ଡବ ?
ଆତ୍ମ ବିଶ୍ଲେଷଣର ସମୟ ଉପଗତ,
ପରଖି ନିଅ ନିଜର ସ୍ୱଭାବ।
ନିଜ ସୁଖ ପାଇଁ ଆମେ,
ପ୍ରକୃତିକୁ କରିଦେଲୁ ଧ୍ୱଂସ,
ପ୍ରକୃତିବି ଛାଡିବନି,
କରୁଛି କରିବ ସିଏ, ନିଶ୍ଚୟ ସଂଘର୍ଷ।
ବନ୍ୟା ବାତ୍ୟା, ଅଂଶୁଘାତ,
ଆଉ ସବୁ ଯେତେ ଦୁର୍ବିପାକ,
ଜନ ସମାଜକୁ କରି ବିପର୍ଯ୍ୟସ୍ତ,
କରିଦେବ ଶେଷ।
ହେ ମୂଢ ମାନବ,
ବେଳହୁଁ ହୁଅ ସାବଧାନ,
ବୃକ୍ଷ ଜଳ ବାୟୁ ସବୁ, ଦେବତା
ସମାନ,
ପ୍ରାପ୍ତିର ଆଶା ନରଖି, କରନ୍ତି ସେ
ଦାନ।
ଜଳ ବାୟୁ ପ୍ରଦୁଷଣ, ବ୍ୟାପକ ବୃକ୍ଷ
ଛେଦନ,
ମିଳିଯିବ ଫଳାଫଳ, ଆସିଗଲା ଦିନ।
ହେ ମୂଢ ମାନବ,
ବେଳହୁଁ ହୁଅ ସାବଧାନ।

ସମ୍ପାଦକ,ସମ୍ବାଦ ସାହିତ୍ୟ ଘର,
କିଶନନଗର, କଟକ
ମୋ-୭୩୭୨୧୫୯୩୬୬୦

# ୧୧ ଜଳସେଚନ ପ୍ରକଳ୍ପରେ ୧୭ ହଜାରରୁ ଊର୍ଦ୍ଧ୍ୱ ଜନଜାତି ବିସ୍ଥାପିତ

## କାନୁପୁର ପ୍ରକଳ୍ପରେ ସର୍ବାଧିକ, ଲୋୟର ଇନ୍ଦ୍ରରେ ଥଇଥାନ ନେଇ ଅସନ୍ତୋଷ



ଭୁବନେଶ୍ୱର , ୧୭/୦୪ (ନି.ପ୍ର): ରାଜ୍ୟର ଜଳସମ୍ପଦ ବିଭାଗ ଅନ୍ତର୍ଗତରେ ପରିଚାଳିତ ୧୧ଟି ଜଳସେଚନ ପ୍ରକଳ୍ପରେ ସମୁଦାୟ ୧୭ ହଜାର ୮୭୪ ଅନୁସୂଚିତ ଜନଜାତି ବିସ୍ଥାପିତ ହୋଇଛନ୍ତି। ରାଜ୍ୟସଭାର ଅଣତାରକା ପ୍ରଶ୍ନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କେନ୍ଦୁଝର ଜିଲ୍ଲାସ୍ଥିତ କାନୁପୁର ଜଳସେଚନ ପ୍ରକଳ୍ପରେ ସର୍ବାଧିକ ୩୩୬୪, ମୟୂରଭଞ୍ଜସ୍ଥିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଗୁଁ ୨୬୫୪, ବଲାଙ୍ଗୀରସ୍ଥିତ ଲୋୟ ? ସୁକତେଲ ଜଳସେଚନ ପ୍ରକଳ୍ପରେ ୧୨୩୩, ଗଜପତି ଜିଲ୍ଲାସ୍ଥିତ ଛେଳିଗଡ଼ ଜଳପ୍ରକଳ୍ପ ଯୋଗୁଁ ୩୩୯, ଯାଜପୁରସ୍ଥିତ ରେଙ୍ଗାଲି ଜଳ ପ୍ରକଳ୍ପ ଯୋଗୁଁ ୧୩୬୮, ଢେଙ୍କାନାଳସ୍ଥିତ ରେଙ୍ଗାଲି ରାଇଟ କେନାଲ ସିଷ୍ଟମରେ ୧୧୧, କଳାହାଣ୍ଡିର ରେତ ଜଳସେଚନ ପ୍ରକଳ୍ପ ଯୋଗୁଁ ୨୮୩, ନୂଆପଡ଼ାସ୍ଥିତ ଲୋୟର ଇନ୍ଦ୍ର ପ୍ରକଳ୍ପ ଯୋଗୁଁ ୨୧୮୮, କୋରାପୁଟସ୍ଥିତ ତେଲେଙ୍ଗୀର ମଧ୍ୟମ ଜଳସେଚନ ପ୍ରକଳ୍ପରେ ୭୮୧, ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚିତ ପ୍ରକଳ୍ପ ଯୋଗୁଁ ୨୮୯୨ ଜନଜାତି ବିସ୍ଥାପିତ ହୋଇଥିବା ଜଣାଯାଇଛି। ତଥ୍ୟ ଅନୁଯାୟୀ, ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ବୈତରଣୀ ନଦୀରେ ନିର୍ମାଣାଧୀନ କାନୁପୁର ଜଳସେଚନ ଜଳସେଚନ ପ୍ରକଳ୍ପ ଯୋଗୁଁ ୧୬ଟି ଗାଁର ସମୁଦାୟ ୩୫୫୭ ଜନସାଧାରଣ ପ୍ରଭାବିତ ହେଉଛନ୍ତି। ୨୦୦୨ ମସିହାରେ ପ୍ଲାନିଂ କମିସନ ପକ୍ଷରୁ ଏହାର ଅନୁମୋଦନ ମିଳିଥିଲା। ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ୭୦ ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିଯୋଗୁଁ ୨୩ ହଜାର ୪୨୮ ବିସ୍ଥାପିତ ହୋଇଛନ୍ତି। ୧୯୯୪ ମସିହାରେ ବଲାଙ୍ଗୀର ଜିଲ୍ଲାର ଲୋୟରସୁକତେଲ ପ୍ରକଳ୍ପ ମଞ୍ଜୁରି ପାଇଥିଲା। ଏହି ସମୟରେ ବ୍ୟୟ ଅଟକଳ ୨୧୬ କୋଟି ଟଙ୍କା ଥିଲା। ତାହା ବର୍ତ୍ତମାନ ୧୦୪୧.୦୯ କୋଟିକୁ ବୃଦ୍ଧି ପାଇଛି। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ୨୦୧୩ ମସିହା ଏପ୍ରିଲ ମାସରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା। ମହାନଦୀ କୂଳରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପ ଯୋଗୁଁ ୨୯ଟି ଗାଁର ୯୨୧୨ ପରିବାର ପ୍ରଭାବିତ ଏବଂ ବିସ୍ଥାପିତ ହେଉଛନ୍ତି। ଏଥି ଜରିଆରେ ୫୧ ହଜାର ହେକ୍ଟର ଜମି ଜଳସେଚିତ ହେବା ନେଇ ଲକ୍ଷ୍ୟ ରହିଛି। ଆରଉଦୟଗିରି ବ୍ଲକର ବଡ଼ଜୋର ନଦୀର ନିର୍ମାଣାଧୀ ଛେଳିଗଡ଼ ଜଳପ୍ରକଳ୍ପ ଯୋଗୁଁ ୪ଟି ଗାଁ ୭୮୨ ଲୋକ ପ୍ରଭାବିତ ହେଉଛନ୍ତି। ଏହା ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ୬ ହଜାର ହେକ୍ଟର ଜମି ଜଳସେଚିତ କରିବା ନେଇ ଆଶା ରହିଛି। ବ୍ରାହ୍ମଣୀ ନଦୀରେ ନିର୍ମାଣ କରାଯାଉଥିବା ରେଙ୍ଗାଲି ଜଳସେଚନ ପ୍ରକଳ୍ପ ୧୯୮୦ ମସିହାରେ ନିର୍ମାଣ ଆରମ୍ଭ ହୋଇ ବାରମ୍ବାର ବିଳମ୍ବିତ ହୋଇଛି। ନୂଆପଡ଼ା ଜିଲ୍ଲା ତେଲନଦୀରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏଥିଯୋଗୁଁ ୩୦ଟି ଗାଁର ୬୧୮୧ ବ୍ୟକ୍ତି ପ୍ରଭାବିତ ହେଉଛନ୍ତି। ଅଧିକାଂଶ ବିସ୍ଥାପିତଙ୍କୁ ଥଇଥାନ କରାଯାଇଥିଲେ ମଧ୍ୟ ଏହା ଠିକ ଭାବରେ ହୋଇନଥିବା ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଜୟପୁର ଉପଖଣ୍ଡ ସ୍ଥିତ ତେଲେଙ୍ଗିର ନଦୀରେ ନିର୍ମାଣ କରାଯାଉଥିବା ତେଲେଙ୍ଗିର ଜଳସେଚନ ପ୍ରକଳ୍ପ ଯୋଗୁଁ ୩ଟି ଗାଁର ୧୫୭୫ ଅଧିବାସୀ ପ୍ରଭାବିତ ହୋଇଛନ୍ତି। କେବଳ ଏହି ପ୍ରକଳ୍ପ ନୁହେଁ, ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ଯେତେ ଉନ୍ନୟନ ପ୍ରକଳ୍ପ ହୋଇଛି ଏଥିମଧ୍ୟରୁ ଅଧିକାଂଶ ଜନଜାତି ଲୋକହିଁ ବିସ୍ଥାପିତ ହୋଇଛନ୍ତି। ଏକ ରିପୋର୍ଟ ଅନୁସାରେ, ୧୯୯୫ ମସିହା ପର୍ଯ୍ୟନ୍ତ ଦେଶରେ ହୋଇଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଗୁଁ ୪ ଲକ୍ଷ ଆଦିବାସୀ ବିସ୍ଥାପିତ ହୋଇଥିଲେ। ଓଡ଼ିଶାରେ କୋରାପୁଟର ପରଜା, ରାୟଗଡ଼ାର କନ୍ଧ, ମାଲକାନଗିରିର କୋଣ୍ଡାଦୋରା, କଦବା, ସୁନ୍ଦରଗଡ଼ର ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ ବିଶେଷ ଭାବରେ ବିସ୍ଥାପିତ ହେବା ସହିତ କ୍ଷତିଗ୍ରସ୍ତ ହୋଇଛନ୍ତି।

# ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକରେ ନରେଗା ଯୋଜନା ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ: ତଦନ୍ତ ଦାବି

ସାଲେପୁର, ୧୭/୦୪ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜଇରାମପୁର ପଂଚାୟତରେ ମନରେଗା ଯୋଜନା ଅନୁଦାନ ଅର୍ଥ ବିନିଯୋଗରେ ନିର୍ମାଣ ହୋଇଥିବା ବେହେରା ସାହି ଠାରୁ ମଲ୍ଲ ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ୨୦୧୨-୧୩ ମସିହାରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୪ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ୱେବସାଇଟ୍ ରେ ପ୍ରଦର୍ଶିତ ହେଉଥିବା ବେଳେ ଉକ୍ତ ରାସ୍ତା ଆଦୌ ନିର୍ମାଣ ହୋଇନଥିବା ସ୍ଥାନୀୟ ଗ୍ରାମବାସୀମାନେ କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ନ କରି ଉକ୍ତ ଅର୍ଥକୁ କିଏ ଆତ୍ମସାତ୍ କରିଛି ତାର ଏକ ବିଦ୍ଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି । ଏହି ପଂଚାୟତର ୩ନଂ ୱାର୍ଡ ମଲ୍ଲ ସାହିକୁ କୌଣସି ସଂଯୋଗ ରାସ୍ତା ନାହିଁ । ଫଳରେ ଉକ୍ତ ସାହିକୁ ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ୍ ବିଛାଯାଇପାରୁନଥିବା ବେଳେ ଲୋକମାନେ ଯାତାୟତ କରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉକ୍ତ ରାସ୍ତା ନିର୍ମାଣ ପାଇଁ ଏକାଧିକ ଥର ସ୍ଥାନୀୟ ଲୋକମାନେ ସରପଂଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ନିବେଦନ କରୁଥିଲା ବେଳେ ସ୍ୱାଧିନତାର ୭୫ ବର୍ଷ ପରେ ମଧ୍ୟ ବେହେରା ସାହି ଠାରୁ ମଲ୍ଲ ସାହି ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇପାରିନଥିବାରୁ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ତମାନ ଏହି ରାସ୍ତାକୁ କିଛି ଲୋକ ଜବରଦଖଲ କରି ଘର ନିର୍ମାଣ କରିବା ଓ ମାଛ ପୋଖରୀ ଖୋଳିଦେବା ଯୋଗୁଁ ଏହା ଯାତାୟତ ଉପଯୋଗୀ ହୋଇପାରୁନାହିଁ । ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ ଇସାଣୀବରହମ୍ପୁର ପଂଚାୟତରେ ମହାନଦୀ ତଟୋତ୍ସବ ବାହାନାରେ ଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ପଡିଆରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିଲା ବେଳେ ରାସ୍ତାରେ ମଧ୍ୟ ବହୁ ଅର୍ଥ ଖର୍ଚ୍ଚ ହୋଇଛି । ବହୁ ପଂଚାୟତରେ ଲୋକେ କାମ ପାଉନଥିଲା ବେଳେ ଏସବୁ ପଂଚାୟତରେ ମେସିନ୍ ରେ କାମ ହେବା କେତେଦୂର ସମୀଚିନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କଟକ ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ନିଶ୍ଚିନ୍ତକୋଇଲି, ସାଲେପୁର ଓ ମାହାଙ୍ଗା ବ୍ଲକରେ ହୋଇଥିବା ଦୁର୍ନିତି ସଂପର୍କରେ ତଦନ୍ତ କଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବା ସହ ବିଭାଗୀୟ କର୍ମଚାରୀ ଓ ରାଜନୈତିକ କର୍ମୀଙ୍କର ପ୍ରକୃତ ଚେହେରା ପଦାକୁ ଆସିପାରନ୍ତା ବୋଲି ଦିଲ୍ଲୀପ କୁମାର ମଲ୍ଲ, ସରୋଜ କୁମାର ମଲ୍ଲ, ଗିରିଜା ମଲ୍ଲ, ହୃଷିକେଶ ମଲ୍ଲ, ପ୍ରମିଳା ମଲ୍ଲଙ୍କ ସମେତ ଗ୍ରାମବାସୀ ମାନେ ପ୍ରକଳ୍ପ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

# କୋଟିଆ ଆଦିବାସୀ ବିକାଶ ପରିଷଦର ବୈଠକ

ମାଲକାନଗିରି, ୧୭/୦୪ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ବଡ଼ପଡା ଗ୍ରାମପଂଚାୟତରେ କୋଟିଆ ଆଦିବାସୀ ବିକାଶ ପରିଷଦ ମାଲକାନଗିରିର ଏକ ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କୋଟିଆ ସମାଜର ସଭାପତି ଡାଳବନ୍ଧୁ ପାଙ୍ଗି, ସମ୍ପାଦକ କମୁଲୁ ହନ୍ତାଳ, ପୂର୍ବତନ ସଭାପତି ଟିବ୍ରୁରାମ ତାଙ୍ଗୁଲୁ , ଉପସଭାପତି ସଦନ ଖରା, ଆଦୁ ଖରା, ଲବ ପୂଜାରି, ଉପଦେଷ୍ଟା ଭଗବାନ ହନ୍ତାଳ ରାମଚନ୍ଦ୍ର ଗା ଲେଲ, ପାର୍ବତୀ ଶୁକ୍ରୀ ଙ୍କ ସହିତ ସମସ୍ତ କମିଟି ସଦସ୍ୟ/ ସଦସ୍ୟା, କୋଟିଆ ଆଦିବାସୀ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଉପସ୍ଥିତ ହୋଇଥିଲେ! ଉକ୍ତ ବୈଠକରେ କୋଟିଆ ଆଦିବାସୀ ମାନେ କେଉଁ ଗ୍ରାମରେ କେତେ ଅଛନ୍ତି ତାର ଠିକ ସର୍ବେ କରିବାପାଇଁ କମିଟି ନିଷ୍ପତି ନେଇଛି । ୬ ରୁ ୧୪ ବର୍ଷର ପିଲା ଯେମିତି ପାଠ ପଢ଼ାରୁବଂଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବା ସହିତ କେମିତି ବିଦ୍ୟାଳୟରେ ନାମ ଲେଖାଇବେ ସମସ୍ତେ ଧ୍ୟାନ ଦେବାପାଇଁ କହିଥିଲେ । ବୈଠକରେ କୋଟିଆ ସମ୍ପ୍ରଦାୟର ଲୋକଙ୍କ ଉନ୍ନତି ଏବଂ ମୁଖ୍ୟ ସ୍ରୋତରେ କିପରି ସାମିଲ ହେବେ ତାର ଯୋଜନା ପ୍ରସ୍ତୁତ କରିଥିଲେ । ସଂଘଠନକୁ ମଜଭୁତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ କମୁଲୁ ହନ୍ତାଳ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଅବକାରୀ ବିଭାଗର ବାର୍ଷିକ ରେକର୍ଡ: ୨୦୨୨-୨୩ ବର୍ଷରେ ୮୯୬୭.୪୯ କୋଟି ରାଜସ୍ୱ



କଟକ , ୧୭/୦୪ (ନି.ପ୍ର): ଅବକାରୀ ବିଭାଗ ୨୦୨୨-୨୩ ଆର୍ଥିକ ବର୍ଷରେ ଭାଟ୍ ସହିତ ମୋଟ୍ ୮୯୬୭.୪୯ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ୨୦୨୧-୨୨ ତୁଳନାରେ ୧୭.୬୫ ପ୍ରତିଶତ ଅଧିକ ରହିଛି। ୨୦୨୧-୨୨ ବର୍ଷରେ ଭାଟ୍ ସହିତ ମୋଟ୍ ୭୬୨୨.୪୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ୨୦୨୦-୨୧ ବର୍ଷରେ ଏହି ପରିମାଣ ୫୪୦୦.୨୧ କୋଟି ଟଙ୍କା ଥିଲା। ଖଣି ପରେ ଅବକାରୀ ବିଭାଗକୁ ଦୁଇ ନମ୍ବର ରାଜସ୍ୱ ଆଦାୟକାରୀ ବିଭାଗ ବୋଲି କୁହାଯାଏ।

ସୂଚନା ଅନୁଯାୟୀ, ଅବକାରୀ ବିଭାଗରେ ଜିଲ୍ଲାସ୍ତରରେ ୨୦୨୨-୨୩ ବର୍ଷରେ ୬୧,୩୭୭ଟି ମାମଲା ରୁଜୁ ହୋଇଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୫୧ ପ୍ରତିଶତ ଅଧିକ ରହିଛି। ୨୦୨୧-୨୨ ବର୍ଷରେ ରାଜ୍ୟରେ ୪୦,୫୯୮ଟି ମାମଲା ରୁଜୁ ହୋଇଥିଲା। ୨୦୨୦-୨୧ ବର୍ଷରେ ରାଜ୍ୟରେ ୨୫,୦୬୫ ଅବକାରୀ ମାମଲା ରୁଜୁ ହୋଇଥିଲା। ସେହିଭଳି ଗଲା ଆର୍ଥିକ ବର୍ଷରେ ବେଆଇନ ନିଶା କାରବାର ଅଭିଯୋଗରେ ୪୯ ହଜାର ୨୧୧ ଜଣ ନିଶା ମାଫିଆ ଗିରଫ ହୋଇଛନ୍ତି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୭ ପ୍ରତିଶତ ଅଧିକ ରହିଛି। ୨୦୨୧-୨୨ ବର୍ଷରେ ୩୩ ହଜାର ୫୫୧ ଜଣ ଗିରଫ ହୋଇଥିବାବେଳେ ୨୦୨୦-୨୧ ବର୍ଷରେ ଗିରଫଦାରୀ ସଂଖ୍ୟା ୧୯ ହଜାର ୨୩୯ ରହିଥିଲା। ତେବେ ୨୦୨୨-୨୩ ବର୍ଷରେ ରେକର୍ଡ ପରିମାଣ ୧୯ଶହ ୪୯ ଏନଡିପିଏସ୍ ମାମଲା ରୁଜୁ ହୋଇଛି। ଏହା ପୂର୍ବ ବର୍ଷ ତୁଳନାରେ ୧୬୧ ପ୍ରତିଶତ ଅଧିକ। ୨୦୨୧-୨୨ ବର୍ଷରେ ୭୪୮ଟି ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୨୦୨୦-୨୧ ବର୍ଷରେ ରୁଜୁ ମାମଲା ସଂଖ୍ୟା ୩୯୬ ରହିଥିଲା। ସେହିଭଳି ଗଲା ଆର୍ଥିକ ବର୍ଷରେ ଏନ୍‌ଡିପିଏସ୍ ମାମଲାରେ ୨୨ଶହ ୩୨ ଜଣଙ୍କୁ ଗିରଫ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୧୬୩ ପ୍ରତିଶତ ଅଧିକ ରହିଛି। ଏହି ମାମଲାରେ ୨୦୨୧-୨୨ ଓ ୨୦୨୦-୨୧ ବର୍ଷରେ ଯଥାକ୍ରମେ ୮୪୯ ଜଣ ଓ ୩୮୮ଜଣଙ୍କୁ ଗିରଫ କରାଯାଇଥିଲା। ଏହି ବର୍ଷକ ମଧ୍ୟରେ ଲଗାତର ଚଢ଼ଉ ଯୋଗୁଁ ୪୧ ହଜାର ୩୩୦ କେଜି ଗଞ୍ଜେଇ ଓ ୩୨ ହଜାର ୫୧୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ବ୍ରାଉନ୍‌ସୁଗାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଯୋଗୁ ଗଲା ଆର୍ଥିକବର୍ଷରେ ଜବତ ବ୍ରାଉସୁଗାର ପରିମାଣ ପୂର୍ବ ବର୍ଷ ତୁଳନାରେ ୧୫୯ ପ୍ରତିଶତ ଅଧିକ ରହିଛି। ୨୦୨୧-୨୨ ବର୍ଷରେ ରାଜ୍ୟରୁ ୧୨ ହଜାର ୫୬୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ସେହିଭଳି ବେଆଇନ ମାଦକ ଦ୍ରବ୍ୟ ପରିବହନ ଅଭିଯୋଗରେ ଗଲା ଆର୍ଥିକ ବର୍ଷରେ ବିଭିନ୍ନ କିସମର ୩୪ଶହ ୪୦ଟି ମୋଟରଯାନ ଜବତ ହୋଇଛି। ପୂର୍ବ ବର୍ଷ ତୁଳନାରେ ୫୫ ପ୍ରତିଶତ ଅଧିକ ରହିଛି। ଅବକାରୀ କମିସନର ଆଶିଷ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ବାର୍ଷିକ ସମୀକ୍ଷା ବୈଠକ ଭର୍ଚୁଆଲରେ ବସିଥିଲା। ଏହି ବୈଠକରେ ଏଭଳି ବାର୍ଷିକ ତଥ୍ୟ ସମ୍ପର୍କରେ ଅନୁଶୀଳନ କରାଯାଇଥିଲା। ଏଥିରେ ଅତିରିକ୍ତ ଅବକାରୀ କମିସନର ରାମଚନ୍ଦ୍ର ପାଲଟା, ଯୁଗ୍ମ କମିସନର ଶରତ ଚନ୍ଦ୍ର ମହାପାତ୍ର, ଏନଫୋର୍ସମେଣ୍ଟ ଇଡିସି ରାମ ଚନ୍ଦ୍ର ମିଶ୍ର, ନୀତି ପ୍ରସ୍ତୁତ ଇଡିସି ରଜତ କୁମାର ପ୍ରହରାଜ, ଇଡିସି ସୋମନାଥ ମାଝୀ, ରାଜେନ୍ଦ୍ର ବୋଥ୍ରା, ଡମ୍ବରୁଧର ଖଣ୍ଡାଙ୍କ ଜିଲ୍ଲା ଅବକାରୀ ଅଧୀକ୍ଷକମାନେ ଉପସ୍ଥିତ ରହିଥିଲେ। ଝାରସୁଗୁଡ଼ା ଉପ-ନିର୍ବାଚନ ମେ ୧୦ ରେ ଅନୁଷ୍ଠିତ ହେଉଥିବାରୁ ଏହା ପୂର୍ବରୁ ଜିଲ୍ଲାରେ ଚୋରା ନିଶା ସାମଗ୍ରୀ କାରବାର ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଥିପାଇଁ ଝାରସୁଗୁଡ଼ା ଓ ଏହାର ଉପକଣ୍ଠରେ ଏଭଳି କାରବାର ରୋକିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏହାର ଅନୁଧାନ କରିବା ପାଇଁ ସମ୍ବଲପୁର ଇଡିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ବଲାଙ୍ଗିର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ବଲାଙ୍ଗୀର, ୧୭/୦୪ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ୧୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବଲାଙ୍ଗିର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ଆଜିର ଏହି ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ପୋର୍ଟ ଲଭର ତଥା ପଶ୍ଚିମ ଓଡିଶାର ଜଣେ ସୁପରିଚିତ ବ୍ୟକ୍ତି ରିକନ୍ ମହନ୍ତି ଯୋଗଦେଇ ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟିତ କରିଥିଲେ । ଆଜିର ପ୍ରଥମ ମ୍ୟାଚ ସାନ୍‌ଭି ଓ ଏଏଫ୍‌ସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲେ। ଟସ୍ ଜିଣି ଏଏଫ୍‌ସିସି ଦଳ ପ୍ରଥମେ ଫିଲଡିଂ କରିବାର ନିଷ୍ପତି ନେଇଥିଲେ। ସାନ୍‌ଭି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୧୫୧ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଂଶୁମାନ ମିଶ୍ର ଅପରାଜିତ ୬୧ ରନ୍ ସଂଗ୍ରହ କରିଥିଲେ । ୧୫୨ ରନ୍ ବିଜୟ ଲକ୍ଷ୍ୟକୁ ନେଇ ପଡିଆକୁ ଓହ୍ଲାଇଥିବା ଏଏଫ୍ ?ସିସି ଦଳ ୧୪.୧ ଓଭରରେ ୪ ୱିକେଟ ବିନିମୟରେ ୧୫୪ ରନ୍ କରି ବିଜୟୀ ହୋଇଥିଲେ । ଏଏଫ୍‌ସିସି ଦଳ ପକ୍ଷରୁ ଲକି ଅପରାଜିତ ୫୯ ରନ୍ ଓ ବାଦଲ ଖମାରି ୪୪ ରନ୍ ସଂଗ୍ରହ କରିଥିଲେ । ସେହିପରି ଭାବରେ ଆଜିର ଦ୍ୱିତୀୟ ମ୍ୟାଚ ତୁଷାର ରୟାଲ ଟିମ୍ ଓ ସ୍ୱରାଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସ୍ୱରାଜ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ରେ ୧୫୭ ରନ୍ ସଂଗ୍ରହ କରିଥିଲେ । ଦଳ ତରଫରୁ ସର୍ବାଧିକ ଧର୍ମେନ୍ଦ୍ର ମିଶ୍ର ୪୫ ରନ୍ ସଂଗ୍ରହ କରିଥିଲେ । ତୁଷାର ରୟାଲ ଦଳ ତରଫରୁ ସଫଳ ବୋଲର ଭାବରେ ବାବୁଲୁ ସେଠି ୨ ଗୋଟି ଏବଂ ରାହୁଲ ସାହୁ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ୧୫୮ ରନ୍ ର ବିଜୟ ଲକ୍ଷ୍ୟକୁ ତୁଷାର ରୟାଲ ଦଳ ୧୯.୪ ଓଭରରେ ୮ ୱିକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ । ତୁଷାର ରୟାଲ ଦଳ ତରଫରୁ ବାବୁଲୁ ସେଠି ୪୫ ରନ୍ ଓ ରାହୁଲ ସାହୁ ୩୭ ରନ୍ ସଂଗ୍ରହ କରି ବିଜୟୀ ହେବାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱରାଜ ଦଳ ତରଫରୁ ସଫଳ ବୋଲର ଭାବରେ ଖଗେ ସର୍ବାଧିକ ୩ ଗୋଟି ୱିକେଟ ଓ ଧର୍ମେନ୍ଦ୍ର ମିଶ୍ର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ଆଜିର ଏହି ମ୍ୟାଚ କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର, ସମିର ପାଣିଗ୍ରାହୀ, ଶ୍ୟାମ ସୁନ୍ଦର ପଣ୍ଡା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବା ବେଳେ ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଜଳଛତ୍ର ନିମନ୍ତେ ହରିଚନ୍ଦନପୁର ପ୍ରେସ୍ କ୍ଲବର ବୈଠକ

ହରିଚନ୍ଦନପୁର, ୧୭/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ପ୍ରେସ କ୍ଲବର ପକ୍ଷରୁ ସ୍ଥାନୀୟ ହାଟ ପଡ଼ିଆରେ ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । କ୍ଲବର ସମ୍ପାଦକ ଶ୍ରୀନିବାସ ପାଇକରାୟଙ୍କ ଉପସ୍ଥିତିରେ ପ୍ରେସ କ୍ଲବର ଆଗାମୀ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରେସ କ୍ଲବ ପକ୍ଷରୁ ବାଟୋଇଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଥିଲା । ହରିଚନ୍ଦନପୁର ହନୁମାନ ମନ୍ଦିର ପ୍ରାଙ୍ଗଣ, ମୁଖ୍ୟ ଛକର ଭଗାମୁଣ୍ଡା ବସଷ୍ଟାଣ୍ଡ, ଘଟଗାଁ ବସଷ୍ଟାଣ୍ଡ, ରେବଣା ପଳାଶପାଳ ବସଷ୍ଟାଣ୍ଡ ଓ ଜଙ୍ଘିରା ଛକ ନିକଟରେ ଜଳଛତ୍ର ବ୍ୟବସ୍ଥା କରାଯିବାକୁ ସ୍ଥିର କରାଯାଇଛି । ଏଥିସହ ପ୍ରତ୍ୟେକ ଦିନ ବିଭିନ୍ନ କାମରେ ଶହ ଶହ ଲୋକ ହରିଚନ୍ଦନପୁର ଆସିଥାନ୍ତି, କିନ୍ତୁ ମୁଖ୍ୟ ବଜାରରେ ପରିସ୍ରାଗାର ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ପ୍ରେସ କ୍ଲବ ପକ୍ଷରୁ ପରିସ୍ରାଗାର ନିର୍ମାଣ ନିମନ୍ତେ ପ୍ରଶାସନକୁ ଦାବିପତ୍ର ଦିଆଯିବାକୁ କ୍ଲବର ସଭାପତି ପ୍ରଶାନ୍ତ ନାୟକ କହିଛନ୍ତି । ହରିଚନ୍ଦନପୁର ବ୍ଲକ କେନ୍ଦୁଝର ଜିଲ୍ଲା ସହିତ ରହିଛି, ରହିବ ଯାହାକୁ ନେଇ ହରିଚନ୍ଦନପୁର ନାଗରିକ ସମନ୍ୱୟ ସମିତି ଦ୍ୱାରା କରାଯାଉଥିବା ଦାବିକୁ ପୂର୍ଣ୍ଣ ସମର୍ଥନ କରିବାକୁ ପ୍ରେସ କ୍ଲବ ନିଷ୍ପତି ନେଇଛି । ଆସନ୍ତା ୧୯ ତାରିଖ ବୁଧବାର ଗୁଣ୍ଡିଚାଘାଗି ଜଳପ୍ରପାତ ଠାରେ କ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁ ବୈଠକରେ କ୍ଲବର ନୂତନ କାର୍ଯ୍ୟକାରୀ ସଦସ୍ୟ ଚୟନ କରାଯିବାକୁ ସ୍ଥିର କରାଯାଇଛି । ଏଥିସହ ବାର୍ଷିକ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯିବା ସମ୍ବନ୍ଧରେ ଆଲୋଚନା ହେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର କୋଷାଧକ୍ଷ ପରେଶ କୁମାର ସେଠୀ, ରାମଚନ୍ଦ୍ର ନାଏକ, ଲକ୍ଷ୍ମଣ କୁମାର ମହାନ୍ତ, ଭବାନୀ ମହାନ୍ତ, ଅନିଲ କୁମାର ସାହୁ, ଜୀବନ ଜ୍ୟୋତି ବେଜ, ତନ୍ମୟ କୁମାର ସାହୁ, ଚନ୍ଦନ ନାୟକ, ହିମାଂଶୁ ଶେଖର ଦାସ, କୃଷ୍ଣଚନ୍ଦ୍ର ବେହେରା, ବିଦ୍ୟାଧର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ ।

# କୁଆଁରିଆ କେନାଲର ପୁନରୁଦ୍ଧାର ଦାବି



ଦଶପଲ୍ଲା , ୧୭/୦୪ (ନି.ପ୍ର): ଚାଷ ଓ ଚାଷୀଙ୍କ ବିକାଶ ପ୍ରତି ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ ଆଗ୍ରାଧିକାର ଦେଉଛନ୍ତି। ଚାଷ ଜମିକୁ ପାଣି ପହଞ୍ଚାଇବା ପାଇଁ କେନାଲ୍ ମାଧ୍ୟମ ସାଜିଥିବା ବେଳେ ବର୍ଷବର୍ଷ ଧରି ପୋତି ହୋଇ ରହିଥିବା ଏକ କେନାଲର୍ ପୁନରୁଦ୍ଧାର ପାଇଁ ଶତାଧିକ ଚାଷୀ ଏବଂ ଗ୍ରାମବାସୀ ଦାବି ଉଠାଇଛନ୍ତି। ଚାଷୀଙ୍କ ଜମିକୁ ପାଣି ନଯାଇ ଚାଷୀ ଦେଉଛନ୍ତି ଜଳକର। ଜଳ ଅଭାବରୁ ପ୍ରତିବର୍ଷ ଚାଷ ପ୍ରଭାବିତ ହେଉଛି। ଫଳରେ ଗ୍ରାମବାସୀ ସ୍ଥାନୀୟ ଜଳ ସମ୍ପଦ ବିଭାଗଠାରୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀ ଦପ୍ତର ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନି। ଏପରିକି ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଶିବିରରୁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ମଧ୍ୟ ଏହା ଅଧିକାରୀଙ୍କ ଫାଇଲ୍ ତଳେ ଚାପି ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି, ଦଶପଲ୍ଲା ଏନ୍‌ଏସି ଅଧୀନସ୍ଥ ୧୧ ଓ ୧୨ ନମ୍ବର ୱାର୍ଡ କୃଷ୍ଣଚନ୍ଦ୍ରପୁର ଗ୍ରାମବାସୀ। ଅଧୀବାସୀଙ୍କ ଅଭିଯୋଗ ଅନୁଯାୟୀ, କୁଆଁରିଆ ଜଳସେଚନ ବିଭାଗ ଅଧୀନରେ ଥିବା କେନାଲ୍‌ଟି ୫୭ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ୧୨ ନମ୍ବର ୱାର୍ଡ ମଧ୍ୟଦେଇ ଚାଷଜମିକୁ ଯାଇଛି। ଏହି କେନାଲ୍‌ରେ ପାଣି ପ୍ରବାହିତ ହେବାଦ୍ୱାରା ଗ୍ରୀଷ୍ମରେ ଗ୍ରାମରେ ଥିବା କୂଅ ଓ ପୋଖରୀରର ଜଳସ୍ତର ବୃଦ୍ଧି ଘଟୁଥିବା ବେଳେ ଶତାଧିକ ଚାଷୀଙ୍କ ଚାଷ ଜମିକୁ ପାଣି ପ୍ରବାହିତ ହେଉଥିଲା। ଦୀର୍ଘବର୍ଷ ଧରି ଏହି କେନାଲ୍‌ଟି ପୋତି ହୋଇ ରହିଛି।

# ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସର୍ବସାଧାରଣ ରାସ୍ତାର ମାପ ହୋଇଥିଲେ ମଧ୍ୟ ରିପୋର୍ଟ ଦେବାକୁ ପଛଘୁଂଚା ଦେଉଛନ୍ତି ତହସିଲ ପ୍ରଶାସନ

ସାଲେପୁର, ୧୭/୦୪ (ନି.ପ୍ର): ମାହାଙ୍ଗା ବ୍ଲକର ଗୋତରା ପଂଚାୟତ ଅର୍ନ୍ତଗତ ଆପିଲୋ ଗ୍ରାମରେ ଖାତା ନଂ ୬୬୧ ପ୍ଲଟ ନଂ ୨୬୯ କିସମ ସର୍ବସାଧାରଣ ରାସ୍ତା ଉପରେ ସ୍ଥାନୀୟ ଅଂଚଳର ସରୋଜ କୁମାର ଦାସ ସ୍ଥାୟୀ ପକ୍କାଘର ନିର୍ମାଣ କରୁଥିବାରୁ ଏ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ତହସିଲ ପ୍ରଶାସନ ସଠିକ୍ ଭାବେ ମାପ ନ କରିବାରୁ ଏ ନେଇ ସୂର୍ଯ୍ୟକାନ୍ତ ପଣ୍ଡା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଏର କରିଥିଲେ। ଡବ୍ଲ୍ୟୁପିସି ନଂ ୧୭୬୪୧/୨୦୨୨ କେସ ର ବିଚାର କରି ଓଡ଼ିଶା ଉଚ୍ଚନ୍ୟାୟାଳୟ ମାହାଙ୍ଗା ତହସିଲଦାରଙ୍କୁ ସର୍ବସାଧାରଣ ରାସ୍ତା ମାପ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାପ କେସ ନଂ-ଇ-୪/୨୦୨୩ରେ ତହସିଲ କାର୍ଯ୍ୟାଳୟ ମାହାଙ୍ଗା ପକ୍ଷରୁ ତା ୦୫.୦୪.୨୦୨୩ ରିଖ ଦିନ ୧୦ଟା ସମୟରେ ରଂଜନ କୁମାର ଖୁଂଟିଆ ଓ ବିରେନ୍ଦ୍ର କୁମାର ଭୋଇଙ୍କ ଉପସ୍ଥିତରେ ମାପ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇ ଉକ୍ତଦିନ ମାପ କରାଯାଇଥିଲା । ରାସ୍ତା ମାପର ୬ ଦିନ ବିତିଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅମିନ ମାପ ସଂପର୍କୀତ ବିବରଣୀ ଅଭିଯୋଗକାରୀଙ୍କୁ ପ୍ରଦାନ କରୁନାହାନ୍ତି । ତହସିଲଦାରଙ୍କ କୌଣସି ନିର୍ଦ୍ଦେଶ ନଥିବାରୁ ସେ ମାପ ସଂପର୍କୀତ ତଥ୍ୟ ଦେଇପାରିବେ ନାହିଁ ଏ ସଂପର୍କରେ ଅଭିଯୋଗକାରୀ ସୂର୍ଯ୍ୟକାନ୍ତ ପଣ୍ଡା ତହସିଲଦାରଙ୍କୁ ପଚାରିବାରୁ ତହସିଲଦାର ତଥ୍ୟ ଦେବାକୁ ମନା କରିଦେଇଥିଲେ । ଯାହାକୁ ନେଇ ତହସିଲ ପ୍ରଶାସନ ପକ୍ଷରୁ ମାପର ସଠିକତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ତହସିଲ ପ୍ରଶାସନ ସର୍ବସାଧାରଣ ଜମି ମାପର ତଥ୍ୟ ଅଭିଯୋଗକାରୀଙ୍କୁ ପ୍ରଦାନ କରିବାକୁ ସୂର୍ଯ୍ୟକାନ୍ତ ପଣ୍ଡା ଦାବି ଜଣାଇଛନ୍ତି ।

# ମୟୂରଭଞ୍ଜ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା କର୍ମଚାରୀ ମଂଚର କାର୍ଯ୍ୟକାରିଣୀ କମିଟି ବୈଠକ



ବାରିପଦା, ୧୭/୦୪ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ହେରିଟେଜ୍ ସଭାକକ୍ଷଠାରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା କର୍ମଚାରୀ ମଂଚର କାର୍ଯ୍ୟ କାରିଣୀ କମିଟିର ଏକ ବୈଠକ ମଂଚର ସଭାପତି ହିମାଂଶୁ ଶେଖର ଦାସଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାଥମିକତା ଭିତିରେ ମଂଚର ସଦସ୍ୟ/ ସଦସ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇ ଏ ବାବଦରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥି ନିମନ୍ତେ ସଙ୍ଗଠନକୁ ଜିଲ୍ଲାବ୍ୟାପି ପ୍ରସାରିତ କରିବା ନିମନ୍ତେ ଜିଲ୍ଲାର ବିଭିନ୍ନ ଅଂଚଳକୁ ନେଇ ଜୋନ୍‌ମାନ ଗଠନ କରାଯାଇ ଜୋନାଲ୍ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଗଲା। ଏଥି ସହିତ ମଂଚର ପରବର୍ତୀ କାର୍ଯ୍ୟକ୍ରମ ସଂମ୍ପର୍କରେ ବିବିଧ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି ବିଗତ ତା.୨/୪/୨୩ରିଖରେ ଆୟୋଜିତ ହୋଇଥିବା ମଂଚର ସାଧାରଣ ବୈଠକରେ କୁଶ କିଶୋର ମହାନ୍ତି ଓ ଗଣେଶ ଚନ୍ଦ୍ର ପ୍ରଧାନଙ୍କୁ ମଂଚର ଉପଦେଷ୍ଟା, ହିମାଂଶୁ ଶେଖର ଦାସଙ୍କୁ ସଭାପତି, ସୁଦର୍ଶନ ପଣ୍ଡା, ଭାଗବତ ପଣ୍ଡା, ଜ୍ଞାନେନ୍ଦ୍ର ଦାସ ଓ ଭାରତୀ ବେବର୍ତାଙ୍କୁ ଉପ-ସଭାପତି, ଅଶୋକ କୁମାର ପଲେଇଙ୍କୁ ସାଧାରଣ ସମ୍ପାଦକ, ବିମୋଳ କୁମାର ଅଧିକାରୀ ଓ ତିମିର କୁମାର ଘୋଷଙ୍କୁ ଯୁଗ୍ମ-ସମ୍ପାଦକ, ପ୍ରଦୀପ କୁମାର ନାୟକଙ୍କୁ କୋଷାଧକ୍ଷ, ଭକ୍ତହରି ମହାନ୍ତ ଓ ଅଶ୍ୱନୀ କୁମାର ପାତ୍ରଙ୍କୁ ସହ କଷାଧକ୍ଷ ରୂପେ ମନୋନୀତ କରାଯାଇଥିଲା। ଏଥି ସହିତ ସନ୍ତୋଷ କୁମାର କାସ୍ତ, ଅଜୟ କୁମାର ପାଲ, ମୋହନ ଚନ୍ଦ୍ର ମହାନ୍ତ, ଗୋକୁଳ ଚନ୍ଦ୍ର ଦାସଙ୍ଦଙ୍କୁ ସଂଗଠନ ସମ୍ପାଦକ ତଥା ବାସୁଦେବ ବେହେରାଙ୍କୁ ମିଡିଆ ସଂଯୋଜକ ରୂପେ ଚୟନ କରାଯାଇଥିଲା। ପରବର୍ତୀ ସମୟରେ ଜୋନ୍ ଗଠନ ପରେ କାର୍ଯ୍ୟକାରିଣୀ କମିଟିର କଳେବର ବୃଦ୍ଧି କରାଯିବ ବୋଲି ଅଦ୍ୟ ବୈଠକରେ ସ୍ଥିର କରାଗଲା। ବୈଠକ ଶେଷରେ କୋଷାଧକ୍ଷ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିସାରିବା ପରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଭା ସାଙ୍ଗ କରାଯାଇଥିଲା।

## ମା' ଛେଉଣ୍ଡ ଭିନ୍ନକ୍ଷମ ଛାତ୍ର ସ୍ୱପ୍ନେଶ୍ୱରଙ୍କୁ ମିଳୁନି ଭତାକୀ ଚାଉଳ



ଉଦଳା, ୧୭/୦୪ (ନି.ପ୍ର):- ସ୍ୱପ୍ନେଶ୍ୱର ବାରିକଙ୍କୁ ବୟସ ବର୍ତମାନ ୮ ଛୁଇଁଲା। ସେ ଜନ୍ମରୁ ମୂକ ଓ ବଧିର। ବର୍ତ୍ତମାନ ସେ ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣ ଗାଁ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଅଠଣ ଗାଁରେ ତାଙ୍କର ମାମୁଁ ଘରେ ସେ ରହୁଛନ୍ତି। ଆଜକୁ ୩ ବର୍ଷ ପୁର୍ବେ ତାଙ୍କର ମା' ପୂଜା ବାରିକଙ୍କର ଦେହାନ୍ତ ହୋଇ ଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ତାଙ୍କୁ ଏ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତା କି ମୁଣ୍ଡ ପିଛା ୫ କିଗ୍ରା ଚାଉଳ ମିଳୁ ନାହିଁ। ଏଥିପାଇଁ ପରିବାରର ଲୋକେ ବିଭିନ୍ନ ମହଲର ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ସୁଫଳ ମିଳିନଥିବାର କଥା ଜଣାଇଛନ୍ତି। କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ନୀଳଗିରି ଜେଲକୁ ଏଲ.ଇ.ଡି. ଟିଭି ଦାନ କଲା ନୀଳଗିରି ଟ୍ରକ ମାଲିକ ସଂଘ

ନୀଳଗିରି, ୧୭/୦୪ (ନି.ପ୍ର): ନୀଳଗିରି ଟ୍ରକ ମାଲିକ ସଂଘ ତରଫରୁ ସୋମବାର ନୀଳଗିରି ଜେଲକୁ ଏକ ଏଲ.ଇ.ଡି. ଟିଭି ପ୍ରଦାନ କରିଛନ୍ତି। ଫଳରେ ଅନ୍ତେବାସୀମାନେ ସାମୟିକ ମନୋରଂଜନ ପାଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଟି.ଭିକୁ ସଂଘର ସଭାପତି ଶିଶିର କୁମାର ରାଉତ, ସଂପାଦକ ମାନସ ରଂଜନ ବୀରକ, ମୁନା ବିଶ୍ୱାଳ, ଅଂକୁ ବେହେରା, ରବି ଜେନା, ବାପି ବେହେରା, ସୋନୁ ବିଶ୍ୱାଳ ଏବଂ ଅନ୍ୟମାନେ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

## କଳିଙ୍ଗ ସେନା ପକ୍ଷରୁ ସେବାକାର୍ଯ୍ୟ

ବାଲେଶ୍ୱର, ୧୭/୦୪ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ କଳିଙ୍ଗ ସେନା ପକ୍ଷରୁ ଗରିବ ଅସହାୟ, ଭିନ୍ନକ୍ଷମ, ବୃଦ୍ଧ ବୃଦ୍ଧାଙ୍କୁ ସେବା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସଂଗଠନର ଜିଲା ସଭାପତି କୁମାର ବାପି ରାଜ ଏଚ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଧଳା ଟୋପି, ଛତା, କଳା ଚଷମା ଓ ଗାଛା ପ୍ରଦାନ କରାଯାଇଥିଲା। ପରେ ସମସ୍ତଙ୍କୁ ପିଇବାକୁ ଦହି ସରବତ ଦିଆଯାଇଥିଲା। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଏଥିରେ ଯୋଗଦେଇ ସେବାକାର୍ଯ୍ୟ ଶୁଭାରମ୍ଭ ସହ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ସଂଗଠନର ଉପସଭାପତି ଦୀନେଶ ଚନ୍ଦ୍ର ବିଶୋଇ, ସମ୍ପାଦକ ସୁରେନ୍ଦ୍ର ବେହେରାଙ୍କ ସମେତ ରେମୁଣା ଶାଖାର ଦେବେନ୍ଦ୍ର ଦାସ, ସ୍ୱଦେଶ ମହାର୍ଣ୍ଣା, ସଦର ଶାଖାର କେଦାର ନାଥ ପରିଡ଼ା, ଜିଲା ଆବାହକ ରାଜେନ୍ଦ୍ର ଦାସ, କୃତିବାସ ଗନ୍ତାୟତ, ଲକ୍ଷ୍ମଣ ବିଶ୍ୱାଳ, ଗୌରୀ ଶଙ୍କର ପଣ୍ଡା, କୌଶିକ ଶତପଥୀ, ସନ୍ତୋଷ ପଣ୍ଡା, ସରୋଜ ବାରିକ, ନିହାର ଶଙ୍କର ନାୟକ, ଶରତ ଚନ୍ଦ୍ର ଦାସ, ସନ୍ତୋଷ ମହାପାତ୍ର, ସନ୍ତୋଷ ଦାସ, ଈଶ୍ୱର ଦାସ, ବାପି ପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିବର୍ଷ ଏହି କାର୍ଯ୍ୟକୁ ସମ୍ପାଦନ କରୁଥିବା ବରିଷ୍ଠ କର୍ମକର୍ତା ସନ୍ତୋଷ ନାୟକ ଅସୁସ୍ଥ ଥିବାରୁ ସମସ୍ତେ ତାଙ୍କର ଆଶୁ ରୋଗ୍ୟ କାମନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ରାଜ୍ୟ ସରକାର ଓ ଖଣି ଲିଜ୍‌ଧାରୀଙ୍କ....

ଓଡ଼ିଶାର ୫୯ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି କିନ୍ତୁ ରାଜ୍ୟ ସରକାର ଏଯାଏଁ କୌଣସି ପଦକ୍ଷେପ ନନେଇ ଖଣି ଦୁର୍ନୀତିକୁ ଆହୁରି ବ୍ୟାପକ କରୁଛନ୍ତି। ରାଜ୍ୟ ସରକାର ଓ ପ୍ରାଇଭେଟ ଲିଜଧାରୀ ଖଣିମାଲିକଙ୍କ ମଧ୍ୟରେ ଥିବା ଅନୈତିକ ବୁଝାମଣା ଦ୍ୱାରା ରାଜ୍ୟରେ ଖଣି ଗୁଡିକରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ହେବା ସହ ରାଜ୍ୟ ରାଜକୋଷର ହଜାର ହଜାର କୋଟି ଟଙ୍କା କ୍ଷତି ହେଉଛି। ରାଜ୍ୟ ସରକାର ଘରୋଇ ଖଣି ମାଲିକଙ୍କୁ ଚାପ ପକାଇ ଖଣି ଉନ୍ନୟନ ଓ ଖଣି ପରିଚାଳନା ନିୟମ କିମ୍ବା ଉତ୍ପାଦନ ପାଇଁ ନିର୍ଦ୍ଦିଷ୍ଟ ଠିକାଦାର ଏନଂ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟ କମ୍ପାନୀ ସ୍ଥିରକରି ଉତ୍ପାଦ ଦ୍ରବ୍ୟ କମ୍ ମୂଲ୍ୟରେ ପରିବହନ ପାଇଁ ମନମୁଖୀ ନିୟମ ନିର୍ଦ୍ଧାରଣ କରିଛନ୍ତି। ବିଗତ ଦିନରେ ଲୁହାପଥର ଉତ୍ପାଦନରେ ବ୍ୟାପକ ଦୁର୍ନୀତି ଦେଖାଯାଇଥିଲା। ସମାନଭାବେ କ୍ରୋମ ଏବଂ ମାଙ୍ଗାନିଜ ଉତୋଳନରେ ମଧ୍ୟ ଉତମ ଗୁଣବତା ଦ୍ରବ୍ୟକୁ ନିମ୍ନମାନର ଦେଖାଇ ବିକ୍ରୟ କରାଯାଉଛି। ଯଦ୍ୱାରା ରାଜ୍ୟ ରାଜକୋଷକୁ ହାନି ପହଁଚାଂଇବା ସହ ବ୍ୟାପକ ଦୁର୍ନୀତି କରିବାରେ ସହାୟକ ହୋଇଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ସେହିପରି ଜିଲ୍ଲା ଖଣିଜ ପାଣ୍ଠି(ଡିଏମ୍ଏଫ)ର କୁପରିଚାଳନାକୁ ଦର୍ଶାଇବା ପରେ ଜିଲ୍ଲା ପ୍ରଶାସନ ଦୁର୍ନୀତି ଗ୍ରସ୍ତ ହୋଇଛି। କେନ୍ଦ୍ର ସରକାର ଓଡ଼ିଶାରେ ନୂତନଭାବେ ନିଲାମ ହୋଇଥିବା କେତେକ ଖଣିର ଦୁର୍ନୀତି ଓ ଅନିୟମିତତା ନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଖଣିଜ କ୍ଷେତ୍ରରେ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ଦୁର୍ନୀତି ଚାଲିଛି ସେସମ୍ପର୍କରେ ରାଜ୍ୟ ସରକାର ଉତର ରଖନ୍ତୁ। ଖଣି ଉତୋଳନ ବେଳେ ମାଙ୍ଗାନିଜ ଧାତୁ ଖଣିରୁ ନିର୍ଗମ ହୁଏ। ଯେଉଁ ମାଙ୍ଗାନିଜ ଖଣିରୁ ୨୫ପ୍ରତିଶତ ମାଙ୍ଗାନିଜ ଧାତୁରୁ କମ୍ ଅନୁପାତରେ ଧାନୁ ଥାଏ ତାହାକୁ ନିମ୍ନଧାତୁ କୁହାଯାଏ। ଖଣିଜ ନିଲାମବେଳେ ଖଣିମାନଙ୍କୁ ନିଲାମଧାନୀଙ୍କର ସର୍ବୋଚ ମୂଲ୍ୟ ଭିତିରେ ଘରୋଇ ନିଲାମଧାରିମାନଙ୍କୁ ମନୋନୀତ କରାଯାଏ ଏବଂ ସେମାନେ ଟନ ହାରରେ ବିଡମୂଲ୍ୟ ରାଜ୍ୟ ସରକାରଙ୍କୁ ଦେଇଥାନ୍ତି। ଇଣ୍ଡିଆ ବ୍ୟୁରୋ ଅଫ ମାଇନ୍ସ ଦ୍ୱାରା ସମୟାନୁକ୍ରମେ ନିର୍ଦ୍ଧାରିତ ହାରାହାରି ବିକ୍ରୟ ମୂଲ୍ୟର ନିର୍ଦ୍ଦିଷ୍ଟ ହାରରେ ଲିଜଧାରୀମାନେ ପ୍ରିମିଅମ ଆମାଉଂଟ ୯୦ପ୍ରତିଶତ ରୁ ୧୫୪ପ୍ରତିଶତ ଦେଇଥାନ୍ତି। ଖଣିଜର ହାରାହାରି ବିକ୍ରୟ ମୂଲ୍ୟ ଟନ ପିଛା ହଜାରେ ହୁଏ ତେବେ ଖଣି ଉତୋଳନକାରୀମାନେ ଟନ ପିଛା ୧୧ଶହ ରାଜ୍ୟ ସରକାରଙ୍କୁ ଦିଅନ୍ତି ଏବଂ ଲିଜଧାରୀମାନଙ୍କ ବୀଡ ପ୍ରିମିଅମ ୧୫୪%କୁ ସ୍ପଷ୍ଟ କରେ, ସେତେବେଳେ ସେମାନେ ଟପ ପିଛା ୧୫୪୦ଟଙ୍କା ଦେଇଥାନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ଇଣ୍ଡିଆନ ବିରୋ ଅଫ ମାଇନ୍ସ ଉତ୍ପାଦିତ ଖଣିଜର ଆନୁପାତିକ କ୍ରମରେ ଅଧିକ ମାନର ଖଣିଜ ଧାତୁକୁ ନିମ୍ନମାନର ଦର୍ଶାଇ ଲିଜ୍‌ଧାରୀମାନେ ଏଏସପି କମ ଦେଇଥାନ୍ତି। ଏହାଦ୍ୱାରା ଅନେକ ନିଲାମ ଖଣିମାନଙ୍କରୁ ଉତ୍ପାଦିତ ଖଣିଜକୁ ନିମ୍ନମାନର ଦର୍ଶାଇବା ଦ୍ୱାରା କୋଟି କୋଟି ରାଜକୋଷ କ୍ଷତି ହୋଇଥାଏ। ସିଲଜୋରି କାଳିମାଟି ଖଣିରେ ହେଉଥିବା ଖଣିମାଲିକ ଓ ରାଜ୍ୟ ସରକାରଙ୍କ ସହ ଅନୈତିକ ବୁଝାମଣାରେ ରାଜ୍ୟ ରାଜକୋଷକୁ କ୍ଷତି ପହଚାଂଇଛି। ଖଣିଜ ପଦାର୍ଥ ନିଲାମ ପୂର୍ବରୁ ଲୋ-ଗ୍ରେଡ ମାଙ୍ଗାନିଜର ସର୍ବନିମ୍ନ ୪.୮୬ହାରରୁ ଆରମ୍ଭ କରି ସର୍ବାଧିକ ୪୦ପ୍ରତିଶତ ଯାଏ ନିର୍ଦ୍ଧାରିତ ଥିବାବେଳେ ସମୟକ୍ରମେ ଅନୈତିକ ଦୁଇ ବର୍ଷରେ ଯଥାକ୍ରମେ ୯୮ପ୍ରତିଶତ ଓ ୯୬ପ୍ରତିଶତ ଦର୍ଶାଇ ଦୁର୍ନୀତି କରିବାର ଉପାୟ ଅବଲମ୍ବନ କରାଯାଇଛି। ଆଇନ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ରାଜ୍ୟ ସରକାରଙ୍କ କ୍ଷମତା ଥିଲେ ମଧ୍ୟ ରାଜ୍ୟ ସରକାର ଖଣି ମାଲିକଙ୍କ ଲିଜ୍ ରଦ୍ଦ କରିବା ପରିବର୍ତେ ଦୁର୍ନୀତି କରିବାକୁ ତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରୁଛନ୍ତି।

### ବିଜୁବାବୁଙ୍କ ଜୀବନୀ ହେଉଛି ....

ତାଙ୍କର ପରିଚୟ। ସେବା ଓ ସଂଗ୍ରାମ ଥିଲା ତାଙ୍କ ଜୀବନର ବ୍ରତ। ଓଡ଼ିଶା ପାଇଁ, ଓଡ଼ିଆ ଜାତିର ଉନ୍ନତି ପାଇଁ ଓ ଓଡ଼ିଆ ଜାତିର ଗୌରବ ପାଇଁ ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ଜଣେ ରାଜନେତା ନୁହେଁ ପରିବାରର ମୁରବୀ ପରି ଓଡ଼ିଶାବାସୀଙ୍କ ପାଇଁ ବିଜୁବାବୁ କାମ କରୁଥିଲେ। ରାଜନୀତିରେ ହାରଜିତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସେଥିପାଇଁ ସେ ସବୁବେଳେ ଓଡ଼ିଶାବାସୀଙ୍କ ହୃଦୟରେ ରହିଛନ୍ତି ଓ ରହିଥିବେ। ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସୋମବାର ଜୟଦେବ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ କହିଲେ ଯେ ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ। ଓଡ଼ିଶା ବାହାରେ ଓଡ଼ିଶାର ଅନନ୍ୟ ପରିଚୟ। ପାରାଦୀପ ବନ୍ଦର, ମହିଳା ସଶକ୍ତିକରଣ, ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପନ, ୧୩ରୁ ୩୦ ଜିଲ୍ଲା ସଂଖ୍ୟା ବୃଦ୍ଧି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଜି ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଅଗ୍ରଗଣ୍ୟ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ ବିଜୁବାବୁ ଥିଲେ ସାହସିକତା ଓ ସ୍ୱାଭିମାନର ଏକ ସ୍ପର୍ଦ୍ଧିତ ଉଚ୍ଚାରଣ। ଦୀର୍ଘ ୩୦ ବର୍ଷ ଧରି ବିରୋଧୀ ରାଜନୀତିରେ ରହି ସେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଥିଲେ। ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ।

### ସମ୍ବଲପୁର ହିଂସା ଘଟଣାରେ....

ଅଧିକ ଲୋକ ପହଞ୍ଚିଥିଲେ। ରାଲି କରି ଯାଉଥିବା ଲୋକଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତୁରନ୍ତ ସେହି ଅଞ୍ଚଳ ଖାଲି କରିବାକୁ ଧମକ୍ ଦେଇଥିଲେ। ଏହି ସମୟରେ ଅଚନାକ୍ ସେମାନେ ହିଂସ୍ର ହୋଇଯିବା ସହ ରାଲି ଉପରେ ପଥର ମାଡ଼ କରିଥିଲେ। ପୁଲିସ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେମାନେ ପୁଲିସ କର୍ମଚାରୀଙ୍କ କଥାକୁ ଶୁଣିନଥିଲେ। ପରେ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଲାଠି, ଲୁହା ରଡ୍ ଏବଂ ଖଣ୍ଡାରେ ରାଲିରେ ଯାଉଥିବା ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ସମୟରେ ଆଇଆଇସି ଧନୁପାଲି, ଆଇଆଇସି ଟାଉନଥାନା ଏବଂ ମୁତୟନ ଥିବା ସୁରକ୍ଷାକର୍ମୀ ରକ୍ତାକ୍ତ ଆହତ ହୋଇଥିଲେ। ଏହା ପରେ ପୁଣି ଥରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ରାଲି ଉପରେ ପଥର ମାଡ଼ କରିବା ସହ ଆକ୍ରମଣ କରିଥିଲେ। ଏହି ଘଟଣା ପୂରା ଅଞ୍ଚଳକୁ ଆତଙ୍କର ପରିବେଶକୁ ଠେଲି ଦେଇଥିଲା। ଏହି ଘଟଣାରେ ୧୫୦ରୁ ୧୬୦ ଜଣ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ ଥିଲେ ବୋଲି ନିଜ ଏଫଆଇଆର୍ କପିରେ ଲେଖିଛି ପୁଲିସ।

## ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲୀପ କୁମାରଙ୍କୁ କେରଳ ତ୍ରିଶୂରରୁ ଗିରଫ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ଓଡିଶା ପୋଲିସର ଆର୍ଥିକ ଅପରାଧ ଶାଖା ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲୀପ କୁମାର ଙ୍କୁ କେରଳ ତ୍ରିଶୂର ରୁ ଗିରଫ କରିଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ନିଜ କମ୍ପାନୀ ମାଧ୍ୟମ ରେ ୧୮. ଫୁଟବଲ. କମ ରେ ଲାଗୁଥିବା ଟଙ୍କା ଙ୍କୁ ବିନିଯୋଗ କରୁଥିଲେ। ଦିଲ୍ଲୀପ ୧୯.୪୯ କୋଟି ଟଙ୍କା ନିଜ କମ୍ପାନୀ ମାଧ୍ୟମ ରେ ଲଗାଇଥିଲେ। ତାଙ୍କୁ ୬ ଦିନ ଟ୍ରାଂଜିଟ ରିମାଣ୍ଡ ରେ ଓଡିଶା ଅଣାଯାଉଛି। ଦିଲୀପ ଙ୍କୁ ବ୍ରହ୍ମପୁର ଓ୍ ପି ଆଇ ଡି କୋର୍ଟ ରେ ହାଜର କରାଯିବ ବୋଲି ଜଣା ପଡିଛି।

## କବିବର ରାଧାନାଥଙ୍କ ୧୧୫ତମ ଶ୍ରାଦ୍ଧ ବାର୍ଷିକ

ବାଲେଶ୍ୱର, ୧୭/୦୪ (ନି.ପ୍ର): ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ କବିବରଙ୍କ ୧୧୫ତମ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। 'ରେବତୀ' ପତ୍ରିକାର ସଂପାଦିକା ତଥା ପରିଷଦର ସଭାପତି ସୁବାସିନୀ ଜେନା ଏଥିରେ ସଭାପତିତ୍ୱ କରିବା ସହିତ କବିବରଙ୍କ ଉପରେ ଅଧିକ ଗବେଷଣା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଫକୀରମୋହନ କଲେଜର ପ୍ରଫେସର ଡ.ସନ୍ତୋଷ କୁମାର ନାୟକ ଯୋଗଦେଇ ରାଧାନାଥଙ୍କ ଭାଷା ଓ ଜାତି ପ୍ରୀତି ଉପରେ ଆଲୋକପାତ କରିଥିଲେ। କବିଙ୍କର ରଚିତ ସାହିତ୍ୟକୃତି ଆଧୁନିକ ଓଡ଼ିଆ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିଥିବା ବେଳେ ଏହା ଉପରେ ଗବେଷଣା ଏକାନ୍ତ ଆବଶ୍ୟକ ବୋଲି ଡ. ନାୟକ କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ହୋଇଥିବାଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ରାଧାନାଥଙ୍କ ବହୁଭାଷୀ ଓ ବହୁଶାସ୍ତ୍ରଦର୍ଶିତା ଉପରେ ଆଲୋକପାତ କରିଥିବା ବେଳେ ଅଧକ୍ଷା ଲାବଣ୍ୟ ମହାନ୍ତି ରାଧାନାଥଙ୍କ କାବ୍ୟକୃତି ଉପରେ ଦୃଷ୍ଟିପାତ କରିଥିଲେ। ସଂପାଦକ ଅଧ୍ୟାପକ କମଳାକାନ୍ତ ଦାଶ ରାଧାନାଥ ଚେୟାର ପ୍ରତିଷ୍ଠା, ରାଜ୍ୟସ୍ତରୀୟ ପୁରସ୍କାର ଓ ଆଲୋଚନାଚକ୍ରର ଆୟୋଜନ ଓ ତାଙ୍କ ପୈତୃକ ସଂପତ୍ତିକୁ ଜାତୀୟ ସଂପତ୍ତି ଘୋଷଣା ଆଦି ଦାବି ପ୍ରସ୍ତାବ ରଖିଥିଲେ। ଯୁଗ୍ମ-ସଂପାଦକ ସଂଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସନ୍ତୀ କର ଓ ମହେନ୍ଦ୍ର ପାଣିଗ୍ରାହୀ ରାଧାନାଥଙ୍କ ଉପରେ କବିତା ପାଠ କରିଥିଲେ।

## ବ୍ଲକ ବିଜେଡି ତରଫରୁ ବିଜୁ ଶ୍ରାଦ୍ଧୋତ୍ସବ




ବାଲିପାଟଣା, ୧୭/୦୪ (ନି.ପ୍ର): ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଆଜି ସକାଳେ ତ୍ରିବେଣୀ ପ୍ରାଚୀ ଘାଟରେ ବିଜେଡି ତରଫରୁ ତିଳ ତର୍ପଣ କରି ତାଙ୍କର ଶ୍ରାଦ୍ଧୋତ୍ସବ ପାଳନ କରା ଯାଇଛି। ଏହି ଅବସର ରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦୁଇ ବ୍ଲକର ଦଳୀୟ ସଭାପତି କିଶୋର ଜେନା, ପ୍ରଦୀପ ଜେନାମଣି, ଚେୟରମେନ ହରପ୍ରିୟା ଦାସ, ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, କୁନ ମୁନ ଲେଙ୍କା, ମଙ୍ଗରାଜ ବେହେରା, ସୁକନ୍ୟା ସେଠୀ, ମହେଶ୍ୱର ଦାସ, ଆମ୍ବ ସଭାପତି ଶରତ ତ୍ରିପାଠୀ, ଚୈତନ୍ୟ ପାତ୍ର, ବାଲିପାଟଣା ସରପଞ୍ଚ ସଂଘ୍ ସଭାପତି ବାହାନ ଭୋଇ ଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୭୩ତମ ଭକ୍ତ ସମ୍ମିଳନୀ ନିମନ୍ତେ ପୁନେ ଠାରେ ପ୍ରସ୍ତୁତି ପର୍ବ



ଭୁବନେଶ୍ୱର, ୧୭/୦୪ (ନି.ପ୍ର): ପରମହଂସ ପରିବ୍ରାଜକଚାର୍ଯ୍ୟ ସଦଗୁରୁ ଶ୍ରୀମତ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ସ୍ୱହସ୍ତ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ଦ୍ୱାରା ୭୩ତମ ଭକ୍ତ ସମ୍ମିଳନୀ ଫେବୃଆରୀ୨୦୨୪ ମସିହାରେ ପୁନେ ଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇ ଏହାର ପ୍ରଥମ ପ୍ରସ୍ତୁତି ବୈଠକ ପୁନେ ମଞ୍ଜରୀସ୍ଥିତ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଆସନ ମନ୍ଦିର ରେ ତା- ୧୪/୪/୨୦୨୩ ରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇ ଅଛି। ସମଗ୍ର ଭାରତ ବର୍ଷରୁ ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗଦାନ କରି ଭକ୍ତ ସମ୍ମିଳନୀ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ନୀଳାଚଳ ସାରସ୍ୱତ ସଂଘ ପୁରୀଙ୍କ ତରଫରୁ ସଂଘ ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି, ପରିଚାଳକ ଶ୍ରୀ ଶରତ ଚନ୍ଦ୍ର ସିଂହ୍ଦେ, ଉପସଭାପତି ଶ୍ରୀ କମ୍ବୁ ଚରଣ ଧର ଓ ପରିଚାଳନା ମଣ୍ଡଳୀ ସଦଶ୍ୟମାନେ ଯୋଗଦାନ କରିଥିଲେ ଓ ସମ୍ମିଳନୀର ସମସ୍ତ ସେବା ବିଭାଗର ମୁଖ୍ୟମାନେ ଯୋଗଦାନ କରିଥିଲେ ଓ ସ୍ଥାନୀୟ ବିଧାୟକ ଶ୍ରୀ ଅଶୋକ ବାପୁ ପଓ୍ୱାର, ତଥା ଏନ.ସି.ପି ଅଧକ୍ଷ ଶ୍ରୀ ସୁରେଶ ଘୁଲେ ମଧ୍ୟ ଯୋଗଦାନ କରି ସମସ୍ତ ପ୍ରକାର ସହଯୋଗ କରିବାକୁ ନିର୍ଭର ପ୍ରତିଶୃତି ପ୍ରଦାନ କରିଥିଲେ। ସମଗ୍ର ବିଶ୍ୱରୁ ଅନୁନ୍ୟ ୧୦,୦୦୦ ଭକ୍ତ ଯୋଗଦାନ କରି ୫ ଦିନ ପର୍ଯ୍ୟନ୍ତ ସମ୍ମିଳନୀ କ୍ଷେତ୍ରରେ ଅବସ୍ଥାନ କରି, ଏହି ଧର୍ମ ସଭାରେ ଯୋଗଦାନ କରି ସଦଗୁରୁ ନିଗମାନନ୍ଦଙ୍କ ପ୍ରବର୍ତ୍ତିତ ଆଦର୍ଶ, ଉଦ୍ଦେଶ୍ୟ ଓ ଭାବଧାରା ବିଷୟରେ ଆଲୋଚନା ଓ ଚର୍ଚ୍ଚା କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠିତ ତଥା ଭାରତ ବିଶ୍ୱଗୁରୁ ହେବାର ଯୋଜନାର ରୂପରେଖ ବିଷୟରେ ଆଲୋଚନା କରା ଯାଇଥିଲା। ନୀଳାଚଳ ସାରସ୍ୱତ ସଂଘ ତରଫରୁ ଭାରତର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ଏହି ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୁଏ ଏବଂ ଏହା ୨୦୨୪ ରେ ପୁନେଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବାରୁ ପୁନେର ବିଭିନ୍ନ ମହଲରେ ଆନନ୍ଦ ଉଲ୍ଲାସର ଆଭାସ ମିଳିଛି। ଏହି ବୈଠକକୁ ସଫଳ କରିବାରେ ପ୍ରବାସୀ ସଂଘ ସଭାପତି ଶ୍ରୀ ସଂଗ୍ରାମ ଧର, ସମ୍ପାଦକ ଶ୍ରୀ ସୂର୍ଯ୍ୟକାନ୍ତ ବଳ, କୋଷାଧକ୍ଷ ଶ୍ରୀ ରବି ନାରାୟଣ ଦାସ, ପୁନେ ସଖାସଙ୍ଘ ସଭାପତି ଶ୍ରୀ ବି ସୁରେଶ ତଥା ପ୍ରବାସୀ ଶାଖା ସଂଘର ସମସ୍ତ ସଦସ୍ୟ ମାନଙ୍କର ସହଯୋଗ ଯୋଗୁ ହି ଏହା ସମ୍ଭବ ହୋଇ ପାରିଛି।

## ମିଳିତ ଜନ ଶୁଣାଣିରେ ୬୪ଟି ଅଭିଯୋଗ




ଭଦ୍ରକ, ୧୭/୦୪ (ନି.ପ୍ର): ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଚଳିତ ମାସର ତୃତୀୟ ମିଳିତ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏ.ଏସ୍.ପି. ବିଜୟ ରଞ୍ଜନ କେର୍କେଟା ଏଥିରେ ଯୋଗ ଦେଇ ସମୁଦାୟ ୬୪ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୫୮ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଅଭିଯୋଗ ଓ ୬ଟି ଗ୍ରାମ ସମ୍ବନ୍ଧୀୟ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ୩ଟି ରେଡ଼କ୍ରସ ସମ୍ବନ୍ଧୀୟ ଆବେଦନ ଥିଲା। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନା ଅନୁଭାଗ ଜରିଆରେ ୨ଜଣ ସ୍ୱାମୀ ପରିତ୍ୟକ୍ତାଙ୍କୁ ଜିଲ୍ଲାପାଳ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ମଞ୍ଜୁରୀ ପତ୍ର ବଣ୍ଟନ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ତିହିଡ଼ି ବ୍ଲକ୍‌ର ଅନୁସୂୟା ନାୟକ ଓ ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ ବ୍ଲକ୍‌ର ରଶ୍ମିତା ଜେନା। ଅନ୍ୟ ବିଭାଗ ମଧ୍ୟରେ ଡ୍ରେନେଜ୍, ଶିକ୍ଷା, ପାନୀୟ ଜଳ ଯୋଗାଣ, ଶ୍ରମ ଆଦି ବିଭାଗ ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା। ଏ.ବି.ଡ଼ି.ଓ. ଗୁଲ ଫିର୍‌ଦୋସ୍ ଓ ଭଦ୍ରକ ବ୍ଲକର ଅନ୍ୟ କର୍ମଚାରୀମାନେ ଏହି ଶିବିର ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ପରିବାର ବର୍ଗଙ୍କ ଥାନା ଆଗରେ ଅନଶନ



ଲଙ୍ଗଳେଶ୍ୱର, ୧୭/୪ (ନି.ପ୍ର.) : ବାଲିଆପାଳ ଥାନା ପାଳ ଜାମକୁଣ୍ଡା ଗ୍ରାମର ବଳରାମ ବେହେରା ଏକ ଜମି ଜମା ବିବାଦରେ ୧୧ବର୍ଷ ତଳେ ଥାନାରେ ଏକ ମାମଲା ରୁଜ୍ଜୁ କରିଥିଲେ। ତାଙ୍କ ବଂଶଧର ମାନେ ତାଙ୍କୁ ପୈତୃକ ସମ୍ପତ୍ତିରୁ ଭୋଗ ଦଖଲ ନ ଦେଇ ଗଣ୍ଡଗୋଳ ମାରପିଟ କରିବାରୁ ସେ ଏପରି କରିଥିଲେ। ତେବେ ପୁଲିସ ତାଙ୍କୁ ନ୍ୟାୟ ନ ଦେବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଇତି ମଧ୍ୟରେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇ ଥିବା ବେଳେ ଏବେର ପୋଲିସ ତାହାକୁ କାର୍ଯ୍ୟକାରୀ କରୁ ନ ଥିବା ପ୍ରକାଶ। ଫଳରେ ତାଙ୍କ ଅଂଶୀଦାରମାନେ ଏବେ ତାଙ୍କୁ ନା ନା ଧମକ ଚମକ ଦେଉଛନ୍ତି। ଶ୍ରୀ ବେହେରାଙ୍କ ସପକ୍ଷରେ ଥିବା କୋର୍ଟ ନିର୍ଦ୍ଦେଶ କାର୍ଯ୍ୟ କାରୀ ନ ହେବା ଓ ତାଙ୍କ ସୁରକ୍ଷା ପାଇଁ ସାନି ଥାନା କୁ ଜଣାଇ ଥିଲେ। ତେବେ ପୁଲିସ ତାଙ୍କୁ ନ୍ୟାୟ ଦେବାତ ଦୂରର କଥା ତାଙ୍କୁ ସୁରକ୍ଷା ଦେବା କୁ କୌଣସି ପଦକ୍ଷେପ ନେଲେ ନାହିଁ। ଅନ୍ୟ କୌଣସି ଉପାୟ ନ ପାଇ ଶ୍ରୀ ବେହେରା ତାଙ୍କ ପରିବାର ସହ ଆଜି ଥାନା ଆଗରେ ଅନଶନ କରିଥିଲେ। ତେବେ ମଧ୍ୟାହ୍ନ ବେଳକୁ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ଅନଶନ ସ୍ଥଳରେ ପହଞ୍ଚି ସମସ୍ତ ବୁଝା ସୁଝା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଶ୍ରୀ ବେହେରା ଓ ତାଙ୍କ ପରିବାର ଅନଶନ ରୁ ଉଠିଥିଲେ। ପୁଲିସ ର ପରାମର୍ଶରେ ୧୧୧/୨୩ ମୂଳେ ସେ ଅନ୍ୟ ଏକ ସାନି ମାମଲା ରୁଜ୍ଜୁ କରିଛନ୍ତି।

## ପଂଚଲିଙ୍ଗେଶ୍ୱରରେ ଠାବ ହେଲା ବିଦେଶାଗତ ପାଏଡଥ୍ରଶ ପକ୍ଷୀ



ନୀଳଗିରି, ୧୭/୦୪ (ନି.ପ୍ର): କୁଲହିହା ଅଭୟାରଣ୍ୟରେ ବହୁ ବିଦେଶାଗତ ପକ୍ଷୀଙ୍କର ବିଭିନ୍ନ ସମୟରେ ଦେଖା ଦେଉଥିବା ବେଳେ ଏବେ ଦେଖା ଦେଇଛି ଓଡ଼ିଶାର ପ୍ରଥମ କରି ପାଏଡଥ୍ରଶ ପକ୍ଷୀ। ଏହି ପକ୍ଷୀ ମୁଖ୍ୟତଃ ଦକ୍ଷିଣ ଏସିଆ ଓ ଶ୍ରୀଲଙ୍କାରେ ଅଧିକ ସଂଖ୍ୟକ ଦେଖାଯାଉଥିଲା ବେଳେ ଭାରତର ହିମାଳୟ ପାଦଦେଶ ଓ ନେପାଳରେ ମଧ୍ୟ ଦେଖାଯାଆନ୍ତି। ଏହି ପକ୍ଷୀର ଲମ୍ବ ୨୨ ସେ.ମି. ଥିବା ବେଳେ ମାଈ ପକ୍ଷୀ ମଧ୍ୟ ପ୍ରାୟ ଦେଖିବାକୁ ସମାନ। ପୁରୁଷ ପାଏଡଥ୍ରଶ ପକ୍ଷୀ ଦେଖିବାକୁ କଳା ଓ ଧଳା ରଙ୍ଗର। ଉପର ଭାଗରେ ମୁଖ୍ୟତଃ କଳା, ପେଟ ପାଖରେ ମାଛ କାତି ପରି କଳା ଓ ଧଳା ରଙ୍ଗର ଆବରଣ। ଏହାର ଗୋଡ଼ ହଳଦିଆ। ଏହି ପକ୍ଷୀ ପ୍ରାୟତଃ ସାଙ୍ଗ ହୋଇ ରହିଥାଆନ୍ତି। ଏମାନେ କୀଟପତଙ୍ଗ ଏବଂ ଫଳ ଖାଇବାକୁ ଭଲ ପାଆନ୍ତି। ଏହି ପକ୍ଷୀ ପ୍ରଥମ କରି ପଂଚଲିଙ୍ଗେଶ୍ୱର ସଂରକ୍ଷିତ ଜଙ୍ଗଲରେ ପକ୍ଷୀବିତ ଓ କୁଲହିହା ଗାଇଡ ମନୋରଂଜନ ଦାସଙ୍କ ଦ୍ୱାରା ଆବିଷ୍କୃତ ହୋଇଛି।

# ବିଜେଡି ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ଶ୍ରାଦ୍ଧବାର୍ଷିକ

ବାଲେଶ୍ୱର, ୧୭/୦୪ (ନି.ପ୍ର): ବିଜୁ ଜନତା ଦଳ ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି । ସକାଳେ ବୁଢ଼ାବଳଙ୍ଗ ନଦୀର ବାଲିଘାଟଠାରେ ତିଳତର୍ପଣ, ପ୍ରଭାତଫେରୀ ଓ ଜଳଛତ୍ର ସ୍ଥାପନ କରାଯାଇଥିଲା । ପରେ ବୁଜୁବାବୁଙ୍କ ସମେତ ସହରର ଥିବା ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ଜିଲା ଜିଲାମୁଖ୍ୟ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟ ଓ ଅପରାହ୍ଣରେ ହଳଦୀପଦାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପୂର୍ବତନ ବ୍ରିଟ ଅଧକ୍ଷ ଗୌରୀ ରାଉତ, ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ଟାଉନ ବିଜେଡି ସଭାପତି ସନତ ଦାସ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ବିଜେଡି ନେତା ରଞ୍ଜନ ବାଗ, ଯଯାତି ଦାସ, ଯୁବ ବିଜେଡି ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ସେକ ଅନସର, ବିଜେଡି ଜୋନାଲ ସାଧାରଣ ସମ୍ପାଦକ ତଥା ଗଣମାଧ୍ୟମ ସଂଯୋଜକ ଧୀରେନ ନାୟକ, ଟାଉନ ଯୁବ ବିଜେଡି ସଭାପତି ଉମାଶଙ୍କର ତିଆଡି, ସଦର ବ୍ଲକ ଯୁବ ବିଜେଡି ସଭାପତି ଦିଲୀପ ମହାନ୍ତି, ଛାତ୍ରନେତା ବିଭୁଦତ୍ତ ପରିଡା, କାଉନସିଲର ତଥା ବିଜୁ ମହିଳା ଜନତା ଦଳ ଟାଉନ ସଭାପତି ମୀନା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ଅର୍ବାନ ବ୍ୟାଙ୍କ ଉପ-ସଭାପତି ନିଶାମଣି ପ୍ରଧାନ, କାଉନସିଲର କବିତା ମୁର୍ମୁ, ଶଶିରେଖା ମହାନ୍ତି, ସବିତା ଦାସ, ସେକ ଆୟୁବ, କାର୍ତ୍ତିକ ସାହୁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ପୂର୍ବତନ କାଉନସିଲର ଇତିକ୍ରିଷ୍ଣା ସ୍ୱାଇଁ, ସ୍ୱାଗତିକା ବାରିକ, ରାଜଲକ୍ଷ୍ମୀ ଚାଟାର୍ଜୀ, ମୋନାଲିଶା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ସରଞ୍ଚ, ସମିତିସଭ୍ୟଙ୍କ ସମେତ ବହୁ କର୍ମୀ ଏଥିରେ ଯୋଗ ଦେଇଥିଲେ ।

# ୨୬ତମ ବିଜୁ ପଟ୍ଟନାୟକ ଶ୍ରାଦ୍ଧବାର୍ଷିକୀ ଓ ମିଶ୍ରଣ ପର୍ବ



ଜଳେଶ୍ୱର, ୧୭/୪(ନି.ପ୍ର) : ବିଜୁ ବାବୁଙ୍କ ସ୍ୱପ୍ନର ଓଡିଶା ଏବେ ହୋଇଛି ସାକାର । ବିଭିନ୍ନ ସମୟରେ ରାଜ୍ୟର ବିକାଶ ଏବଂ ଯୁବଶକ୍ତି ଓ ମା ମାନଙ୍କୁ ଅଧିକ ଶକ୍ତିଶାଳି ଲାଗି ବିଭିନ୍ନ କାର୍ଯ୍ୟକ୍ରମ ସେ କରିଥିଲେ ଆରମ୍ଭ । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାପରେ ସେ ସବୁ କାର୍ଯ୍ୟର ବିକାଶ ଆଣିଛନ୍ତି । ନବୀନ ବାବୁଙ୍କ କାର୍ଯ୍ୟର ପରିସମାପ୍ତି ଲାଗି ଷଷ୍ଠ ଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀଭାବେ ପରିଗଣିତ କରିବାଲାଗି ଜଳେଶ୍ୱରର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ପ୍ରକାଶ କରିଛନ୍ତି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ତୀର ବାଇଗଣବାଲିଆ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିଜୁ ବାବୁଙ୍କର ୨୬ତମ ପୂର୍ଣ୍ଣତିଥି ପାଳିତ ହୋଇଛି । ଆୟୋଜିତ ସଭାରେ ବ୍ଲକ ସଭାପତି ଦିଲ୍ଲିପ ସାମଲ ଅଧ୍ୟକ୍ଷତା କରି ଜଳେଶ୍ୱର ବିଜେପିର ବିକାଶ ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପାତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସାହସିକତା , ଦମ୍ଭ, ଦେଶପ୍ରିତୀ ଓ ବିକାଶ ଘଟାଇବାଲାଗି ଥିବା ବହୁ ଯୋଜନା ଆଲୋଚନା କରି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଗାଁକୁ କାମ ମାକୁ ସମ୍ମାନ କାର୍ଯ୍ୟ ଆରମ୍ଭ କରିଥିଲେ । ଏବେ ପିଲା ମାତୃଗର୍ଭରେ ରହିବା ଠାରୁ ଶ୍ମଶାନକୁ ଯିବା ପର୍ଯ୍ୟନ୍ତ ଯୋଜନା, ରାସ୍ତାଘାଟ, ଶିକ୍ଷାର ବିକାଶ ଘଟିଛି । ତେଣୁ ୭୦ଲକ୍ଷ ମହିଳାଙ୍କୁ ଏକଯୁଟ କରାଇ ସେମାନଙ୍କୁ ସଶକ୍ତ କରାଯାଇଛି । ଜଳେଶ୍ୱରର ବିଭିନ୍ନ ରାସ୍ତାଘାଟ, ବିଦ୍ୟାଳୟ, ସୁବର୍ଣ୍ଣରେଖା ନଦୀରେ ୨ଟି ସେତୁ ଇତ୍ୟାଦି ହୋଇଥିବା ସଂପର୍କରେ କହିଛନ୍ତି । ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୌରପାଳ ପ୍ରତୀପ ପ୍ରଧାନ, ବିଜେଡି ମହିଳା ସଭାପତି ବିନ୍ଦୁବାଳା ନନ୍ଦି, ଜିଲାପରିଦେ ଉପାଧ୍ୟକ୍ଷା ଅନୁସୁୟା ପ୍ରଧାନ, ଯତିନ୍ଦ୍ର ମହାନ୍ତି, ଆରତୀ ଦାସ, ଅଜୟ ମହାନ୍ତି, ତୁଳସୀ କିସ୍କୁ, ଗୌରାଙ୍ଗ ସିଂ, ମିନାକ୍ଷୀ ଜେନା, ମଧୁସୂଦନ ଦତ୍ତ, ପ୍ରମିଳା ସାମଲ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ମଧୁ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଳେଶ୍ୱର ବ୍ଲକର ନିର୍ବାଚିତ ସରପଂଚ ଓ ସମିତି ସଦସ୍ୟ, ପୂର୍ବତନ ସମିତି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଆରୁହାର ପୂର୍ବତନ ସରପଂଚ ପ୍ରମିଳା ସାମଲ, ବାଇଗଣ ବାଡିଆର ସରପଂଚ ବିଷ୍ଣୁପଦ ପାତ୍ର ପ୍ରମୁଖ ନିଜ ସମର୍ଥକଙ୍କ ସହ ବିଜେଡି ଦଳରେ ମିଶିଥିଲେ । ଆଜି ସକାଳେ ପୌରାଞ୍ଚଳ ବିଜେଡି ପକ୍ଷରୁ ପ୍ରଭାତ ଫେରି, ଗୋପିକିଷାନ ଭଟ୍ଟର ଡାକ୍ତରଖାନା ପରିଷ୍କାର, ରୋଗୀଙ୍କୁ ଫଳ ବଣ୍ଟନ ଓ ସୁବର୍ଣ୍ଣରେଖା ନଦୀରେ ତିଳତର୍ପଣ ସହିତ ସଂଧ୍ୟାରେ ସତ୍ୟନାରାୟଣ ମନ୍ଦିରରେ ଦୀପଦାନ କରାଯାଇଛି । ମହିଳା କଲେଜରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ପାଇଁ ବିଜେପିର ପ୍ରସ୍ତୁତି

ବାଲେଶ୍ୱର, ୧୭/୦୪ (ନି.ପ୍ର): ଆସନ୍ତା ୩୦ ରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କୀ ବାତ୍' କର୍ଯ୍ୟକ୍ରମର ୧୦୦ ତମ ସଂସ୍କରଣକୁ ଜିଲାରେ ବ୍ୟାପକ ଭାବେ ଆୟୋଜନ ପାଇଁ ବିଜେପି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲା ଉପ-ସଭାପତି ତଥା ମନ କି ବାତର ଜିଲା ସଂଯୋଜକ କମଲ ଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଅଛ । 'ମନ କି ବାତ୍' ବାଲେଶ୍ୱର ଲୋକସଭା କ୍ଷେତ୍ର ପ୍ରଭାରୀ ମନସ୍ମିତା ଖୁଣ୍ଟିଆ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଉପାଦେୟ ମନ କି ବାତକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉପ-ସଭାପତି କରୁଣା କର ପଣ୍ଡା, ଭୋଗରାଇ ନେତା ଅଂଶୁମାନ ମହାନ୍ତି, ସୋର ନେତା ରାକେଶ ମଲ୍ଲିକ, ସମ୍ପାଦକ ବିଭୁପଦ ଦାସ, ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ମମତା ମହାପାତ୍ର, ଜିଲା ସମ୍ପାଦିକା ସସ୍ମିତା ଚାନ୍ଦ, ମହୁଆ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ଗଣମାଧ୍ୟମ ସହ ସଂଯୋଜକ ଅନୀଲ କୁମାର ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, କୃଷକ ମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ବାରିକ, ଶାନ୍ତନୁ ପଟ୍ଟନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ମନ କି ବାତ ସଂଯୋଜକ ଓ ପଦାଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ ।

## କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା ନିନ୍ଦନୀୟ : ଏବିଭିପି

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ମହର୍ଷି କଲେଜରେ ବିଦ୍ୟାର୍ଥୀମାନଙ୍କୁ ଅଣଛାତ୍ରଙ୍କ ଆକ୍ରମଣ ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନିନ୍ଦା କରିଛି । ଏହି ଘଟଣାରେ ଦୋଷୀଙ୍କୁ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛି ଏବିଭିପି । ଏବିଭିପି ପକ୍ଷରୁ କୁହାଯାଇଛି ଯେ ବାରମ୍ବାର କ୍ୟାମ୍ପସରେ ଅଣଛାତ୍ର ପ୍ରବେଶ ଓ ବିଶୃଙ୍ଖଳା ରାଜ୍ୟରେ ଆଇନ ଶୃଙ୍ଖଳାର ନଗ୍ନଚିତ୍ରକୁ ଦର୍ଶାଉଛି । ମହର୍ଷି କଲେଜରେ ବିଦ୍ୟାର୍ଥୀମାନଙ୍କୁ ଅଣଛାତ୍ରଙ୍କ ଦ୍ୱାରା ଆକ୍ରମଣ ଦୃଢ଼ ନିନ୍ଦନୀୟ । ମୁଖ୍ୟମନ୍ତ୍ରୀ ଦୋଷୀଙ୍କୁ ଗିରଫ କରିବା ସହ ଏଭଳି ଘଟଣାର ପୁନରାବୃତି ନ ହେବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ।

# ସାହିତ୍ୟିକ ଅବଦୁଲ ଓସିଦ୍‌ଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ପାଳିତ



ବାଲିପାଟଣା, ୧୭/୦୪ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଅଧ୍ୟାପକ ଅବଦୁଲ ଓସିଦ ଖାନ ଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଆଜି ପୂର୍ବାହ୍ନରେ ତାଙ୍କ ଜନ୍ମସ୍ଥାନ ବରଦାପଡ଼ା ଠାରେ ଯଥାରୀତି ଅନୁଷ୍ଠିତ ହୋଇଯାଇଛି । କବି ଭଗବାନ ସାହୁ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଧାୟକ ଡ. ଅରବିନ୍ଦ ଢ଼ାଲି, ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ, ଏକାଡେମୀ ପୁରସ୍କାର ପ୍ରାପ୍ତ ଗବେଷକ ବିରେନ୍ଦ୍ର ସାମନ୍ତରାୟ, ସଂଳାପକାର ତଥା ଅବସର ପ୍ରାପ୍ତ ଅଧକ୍ଷ ଡ୍ ରଜନୀ ରଞ୍ଜନ, କ୍ଷୀରୋଦ କୁମାର୍ ରାୟ ମହାପାତ୍ର, ସାହିତ୍ୟିକ ଉମାକାନ୍ତ ମହାପାତ୍ର, ପ୍ରେମାନନ୍ଦ ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକ କୈଳାସ ମିଶ୍ର,କବି ଅଭିମନ୍ୟୁ ନାୟକ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଓସିଦ ଙ୍କ ର ପ୍ରତିଭାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସର ରେ ଏକ ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥଲା ଏବଂ କବୟିତ୍ରୀ ତଥା ତାଙ୍କର ଛାତ୍ରୀ ବୈଜୟନ୍ତି ସାହୁଙ୍କୁ ଅବଦୁଲ ଓଷିଦ୍ ସ୍ମୃତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।ସୋମନାଥ ସ୍ୱାଇଁ, ଗୁଲଜାର ହୁସେନ, ରବିନାରାୟଣ ସ୍ୱାଇଁ, ରବୀନ୍ଦ୍ର ନାଥ, ଇବ୍ରାର ଖାନ, ଜଲିଲ ଖାନ, ରାଜ କିଶୋର ଘୋଷ,ସୁଦର୍ଶନ ବେହେରା, ଶୁଭେନ୍ଦୁ ଦାଶ, ଓଷିଦ ଙ୍କ ପୁଅ ଅନିସ ଆଲାମ, ବୋହୂ ରାହାତୁନ ବେଗମ୍, ଝିଅ ସୋହାନା ତବସୁମ୍, ନାତୁଣୀ ନାଫିସା ଆଲମ୍ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା/ଭୁବନେଶ୍ୱର, ୧୭/୦୪ (ନି.ପ୍ର): ଜଟଣୀ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୮୪ଟି ଆପତ୍ତି ଅଭିଯୋଗ ଆବେଦନ ହୋଇଥିଲା । ସେଥିମଧ୍ୟରୁ ୭୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ବେଳେ ୮ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ସେହିପରି ଦୁଇ ଜଣଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।ଆଜିର ଏହି ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ ଅଧକ୍ଷତା କରିଥିବାବେଳେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତ ରାୟ .ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଡ଼ି ସି ପି ଙ୍କ ପ୍ରତିନିଧି ଭାବେ ଏ ସି ପି ଜୋନ ୪, ଭୁବନେଶ୍ୱର,ଉପ ଜିଲ୍ଲାପାଳ, ଦେବବ୍ରତ ସାହୁ, ବିଡିଓ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଖି ମୋର ଏକା ସାକ୍ଷୀ : ଡ. ଲିପିକା ବେହେରା

## ନୂଆସାହି କଲେଜର ମାଗଣା ଚକ୍ଷୁ ଚିକିତ୍ସା ଶିବିର




ଉଦଳା, ୧୭/୦୪ (ନି.ପ୍ର): କପ୍ତିପଦା ଡିଗ୍ରୀ କଲେଜ, ନୂଆସାହିର ମୋ କଲେଜ ଅଭିଯାନ ଏବଂ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସା ଓ ଗବେଷଣା କେନ୍ଦ୍ର ରାସଗୋବିନ୍ଦପୁରର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଉଦ୍‌ଘାଟିତ ହୋଇଯାଇଛି । ମୋକଲେଜ ଅଭିଯାନର ସଂଯୋଜକ ଅଧାପକ ସଂଜୟ କୁମାର ସେନାପତି, ଆଲୁମିନିର ସଭାପତି ଅଧାପିକା ଡ. ମମତା ମହାନ୍ତି ଓ ସମ୍ପାଦକ ଅଧାପକ ବିଭୁରଂଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାକ୍ରମ ଆରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକ ସୁଡସୁଡିଆ ନିବାସୀ ଶ୍ରୀ ଯୋଗେନ୍ଦ୍ର ହାତୀ (୮୬ ବର୍ଷ) ଓ ବଡଖଲାଡି ନିବାସୀ ସାବିତ୍ରୀ ବେହେରା (୮୫ ବର୍ଷ)ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ନୂଆସାହିର ଅଧକ୍ଷ ଡ. ଚନ୍ଦ୍ର କୁମାର ପଟ୍ଟନାୟକ, ପୂର୍ବତନ ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ମଣ୍ଡଳ ଏବଂ ନିଳାଦ୍ରୀ ବିହାରୀ ସିଂହ ଅତିଥି ଭାବେ ଯୋଗଦାନ କରିଥିଲେ । +୩ ର ଅଧକ୍ଷା ଡ. ଲିପିକା ବେହେରା ଉକ୍ତ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରି ଆଖି ମୋର ଏକା ସାକ୍ଷି ବୋଲି ଶିବିରାର୍ଥୀ ମାନଙ୍କୁ ନିଜର ମତବ୍ୟକ୍ତ କରିଥିଲେ । ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସା କେନ୍ଦ୍ରରୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଡ. ପ୍ରତାପ ଚନ୍ଦ୍ର ମହାନ୍ତ ଆଖି ନାହିଁ ତ ସାକ୍ଷି ନାହିଁ ବୋଲି ମତବ୍ୟକ୍ତ କରିବା ସହିତ ଶିବିରାର୍ଥୀ ମାନଙ୍କୁ ଚକ୍ଷୁର ପରୀକ୍ଷା ନିରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୨ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୧୮ ଜଣଙ୍କୁ ମଡିଆ ବିନ୍ଦୁ ସହିତ ଅନ୍ୟାନ୍ୟ ସମସ୍ୟା ଥିବାର ଚିହ୍ନଟ କରିବା ସହିତ ଉତ୍ତମ ଚିକିତ୍ସା ପାଇଁ ରାସଗୋବିନ୍ଦପୁର ଚକ୍ଷୁ ଚିକିତ୍ସା କେନ୍ଦ୍ରକୁ ନେବାର ସିଦ୍ଧାନ୍ତ ନିଆଯାଇଛି । ଡ. ମହାନ୍ତଙ୍କ ସହିତ ଅନ୍ୟ ସହଯୋଗୀ ଜ୍ୟୋତିରେଖା ମହାପାତ୍ର, ଯାଜ୍ଞସେନୀ ପଟ୍ଟନାୟକ ଓ ଶୁଭଦ୍ରା ନାୟକ ଉପସ୍ଥିତ ରହି ନିଜର କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ, ସମସ୍ତ କର୍ମଚାରୀ, ଏନ.ଏସ.ଏସ ଓ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ ।

## ବ୍ରାଜିଲ ପାରା ବ୍ୟାଡମିଂଟନ୍ ଇଂଟରନ୍ୟାସନାଲରେ ୨ଟି ପଦକ ଜିତିଲେ ପ୍ରମୋଦ ଭଗତ

ଭୁବନେଶ୍ୱର, ୧୭/୦୪ (ନି.ପ୍ର): ବ୍ରାଜିଲ ପାରା ବ୍ୟାଡମିଂଟନ୍ ଇଂଟରନ୍ୟାସନାଲ ୨୦୨୩ରେ ୨ ଟି ପଦକ ଜିତିଛନ୍ତି ଓଡିଶାର ପାରା ଅଲମ୍ପିଆନ୍ ପ୍ରମୋଦ ଭଗତ । ଏଥିପାଇଁ ପ୍ରମୋଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ପ୍ରମୋଦ ଆହୁରି ସୁନାମ ଆଣନ୍ତୁ ଏବଂ ଦେଶକୁ ଗୌରବାନ୍ୱିତ କରନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନାଯୋଗ୍ୟ ଯେ ବ୍ରାଜିଲର ସାଓପାଲୋ ଠାରେ ଚାଲିଥିବା ଏହି ଆର୍ନ୍ତଜାତୀୟ ଇଭେଂଟରେ ପ୍ରମୋଦ ଡବଲ୍ସ ରେ ସ୍ୱର୍ଣ୍ଣ ଓ ସିଙ୍ଗଲ୍ସରେ ରୌପ୍ୟ ପଦକ ଜିତିଛନ୍ତି । ଡବଲ୍ସରେ ପ୍ରମୋଦ ସୁକାନ୍ତ କଦମଙ୍କ ସହିତ ଖେଳୁଥିଲେ ।

# ପୂଜ୍ୟପୂଜା ସାଂସଦ ଆନୁକୂଲ୍ୟରେ ବିଜୁ ବାବୁଙ୍କ ୨୬ତମ ଶ୍ରାଦ୍ଧ ଦିବସ ପାଳିତ



ନୀଳଗିରି, ୧୬/୦୪ (ନି.ପ୍ର): ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ତଥା ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ରାଜବରହମପୁର ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ବଣସୀମା କେ.ସି.ପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ତରତରୀ ଛକ ଠାରେ ମହାସମାରୋହରେ ପାଳନ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ନୀଳଗିରିର ଲୋକପ୍ରିୟ ବିଜେପି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଶ୍ରୀଯୁକ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧ ବାର୍ଷିକ କାର୍ଯ୍ୟକ୍ରମରେ ଡ. ଅକ୍ଷୟ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ ମିଶ୍ର ଯୋଗଦାନ କରି ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ଗଙ୍ଗାଧର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଦାସ, ଅକ୍ଷୟ କୁମାର ବେହେରା, ଆରବନ୍ଧ ସରପଂଚ କୁଳମଣି ନାୟକ, ପିଠାହଟା ସରପଂଚ ମିନତୀ ମୁର୍ମୁ, ପିଠାହଟା ସମିତିସଭ୍ୟ ପ୍ରଭାକର ବାଗୁଡ଼ାଇ, ତେଲିପାଳ ସରପଂଚ ବାହାମଣୀ ମାର୍ଣ୍ଡି, ସମିତି ସଭ୍ୟା ଟିକି ସିଂ, ନରସିଂହପୁର ସରପଂଚ ଅନ୍ନପୂର୍ଣ୍ଣା ସିଂ, ଛତ୍ରପୁର ନାଏବ ସରପଂଚ ହରେକୃଷ୍ଣ ହେମ୍ବ୍ରମ, ବରହମପୁର ର ପୂର୍ବତନ ସରପଂଚ ରାହାସ ମଡ଼େଇ, ଅଶୋକାସିନୀ ନାୟକ, ଶୁଭାଶିଷ ଆଚାର୍ଯ୍ୟ, ଜୟନ୍ତ ପୁଟି, ସୁକାନ୍ତ ବେହେରା, ଶ୍ରୀକାନ୍ତ ନାୟକ, ବୈଦ୍ୟନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଲୋକ ସମାବେଶ ହୋଇଥିଲେ ।

# ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ଅନୁଷ୍ଠିତ



ବାରିପଦା, ୧୭/୦୪ (ନି.ପ୍ର): ଆଜି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ତିରୋଧାନ ଦିବସ ବାରିପଦା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ବିଜୁ ପଟ୍ଟନାୟକ ଗୋଲେଇଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ତତ୍ ପରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡକ୍ଟର ଦେବାଶିଷ ମାରାଣ୍ଡି, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ବିଜୁ ମହିଳା ଜନତା ଦଳର ସଭାପତି ଦୀପ୍ତିଲତା ମିଶ୍ର ପ୍ରମୁଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଶାର ଉନ୍ନତି ପାଇଁ ଆଜୀବନ ଉଦ୍ୟମ କରିଥିବା ଏବଂ ରାଜନେତା ଭାବେ ଚିର ସ୍ମରଣୀୟ ରହିବେ । ଇଣ୍ଡୋନେସିଆର ସ୍ୱାଧୀନତା ପ୍ରାପ୍ତିରେ ବିଶେଷ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମିଳିଥିଲା ଇଣ୍ଡୋନେସିଆର ସର୍ବୋଚ୍ଚ ଜାତୀୟ ସମ୍ମାନ 'ଭୂମିପୁତ୍ର' । ରାଜନେତା ରୂପେ ଥିଲେ ସେ ସାହସୀ, ସ୍ୱାଭିମାନୀ ଓ ଦୂରଦ୍ରଷ୍ଟା । ସ୍ୱାଧୀନତା ପରେ ସେ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ । ଭାରତଛାଡ ଆନ୍ଦୋଳନକୁ ଉଦ୍‌ଜୀବିତ ରଖିବା ହେତୁ ତାଙ୍କୁ ରାଜଦ୍ରୋହ ଅପରାଧରେ କାରାବରଣ ଭୋଗ କରିବାକୁ ପଡିଥିଲା ଏବଂ ଆଜି ନାରୀମାନେ ସଶକ୍ତିକରଣ ହୋଇଛନ୍ତି କେବଳ ବିଜୁ ବାବୁଙ୍କର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସମସ୍ତ ବକ୍ତାମାନେ ତାଙ୍କ ଅଭିଭାଷଣରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖୋଦି ବୋର୍ଡର ସଦସ୍ୟ ସରୋଜ କୁମାର ବୋଷ, ଉପ-ନଗରପାଳ ସୀମା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, କାଉନସିଲର ଅନନ୍ତ ଦାସ, ପ୍ରଭାତୀ ପୃଷ୍ଟି, ସୁଧୀର ବାରିକ, ମହେଶ ଭଞ୍ଜ, ଛାତ୍ର ସଭାପତି ସୁନୀଲ ନାୟକ, ଯୁବ ସଭାପତି ଅରୁଣ ବରାଡ, ସବିତା ବେହେରା, ଶ୍ରାବଣୀ ଦାସ, ସୁକେଶିନୀ ସେଠୀ, ଦିଗବିଜୟ ହାଁସଦା, ପୂଜା ତରେଇ, ପ୍ରଶାନ୍ତ ବେହେରା, ରାଜ୍ୟ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ପ୍ରୀତିନନ୍ଦା କାନୁନଗୋ, କମଳା ଭଞ୍ଜ, ଲିଟନ ପଟ୍ଟନାୟକ, ବିନୋଦ ଦାସ, ସେକ୍ ନିଜାମ, ସମରଜିତ ଗୋସ୍ୱାମୀ, ଦୀପକ ମଢୁଆଳ, ରାଜେନ୍ଦ୍ର ସେଜପଡା, ସୁଜିତ ମହାନ୍ତି, ଅମର ସେଠୀ, ମଳୟ ଜେନା, ମୋହନା ବେହେରା, ରାଜୀବ ଜେନା, ସୁଧାମୟୀ ଦାସ, ସନ୍ତୋଷ ପଟ୍ଟନାୟକ, କାଶୀନାଥ ରଣା, ଶୈଳେନ୍ଦ୍ର ପାତ୍ର, ପୂର୍ଣ୍ଣାନନ୍ଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜୁ ମହିଳା ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ସ୍ୱର୍ଗୀୟ ବିଜୁ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

# ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଓ ପ୍ରତିମୂର୍ତ୍ତି ଫଳକରେ ଭ୍ରମ ସଂଶୋଧନ



ବାଲେଶ୍ୱର, ୧୭/୦୪ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଗଡ଼ଗଡ଼ିଆ ଛକଠାରେ କବିବର ରାଧାନାଥ ରାୟଙ୍କ ପୁଣ୍ୟତିଥିରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ପ୍ରତିମୂର୍ତ୍ତି ଫଳକରେ ଉଲ୍ଲେଖ ଥିବା କବିବରଙ୍କ ତିରୋଧାନ ଦିବସ ୨୭.୦୪.୧୯୦୮କୁ ସଂଶୋଧନ କରାଯାଇ ଶିଳ୍ପୀ ସଂଜୟ କୁମାର ପାତ୍ରଙ୍କ ସହାୟତାରେ ତାହା ୧୭.୦୪.୧୯୦୮ ବୋଲି ଉଲ୍ଲେଖ କରାଗଲା । ଏହି ଭ୍ରମ ସଂଶୋଧନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସଂସ୍କୃତି ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବା ହେତୁ ପରିଷଦ ପକ୍ଷରୁ ଏହା କରାଯାଇଥିଲା । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପରିଷଦ ପକ୍ଷରୁ ଆଜି ସକାଳ ୭.୩୦ରେ ଗଡ଼ଗଡ଼ିଆ ଛକଠାରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ଉପସଭାପତି ଦୀନବନ୍ଧୁ ଲେଙ୍କା, ସଂପାଦକ ଦୀପକ ବୋଷ, ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦଙ୍କ ସମେତ ଡ. ଶିରୀଶ ଚନ୍ଦ୍ର ଜେନା, ରାଜେଶ ଗିରି, ନିବାରଣ ଜେନା, ସଂଜୟ ପଣ୍ଡା, ଡା. କୁମାର ଗୋପାଳ, ବେଣୁଧର ସାହୁ, ବାସନ୍ତୀ କର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ସେହି ସ୍ଥାନରେ କବିବର ରାଧାନାଥଙ୍କ ପ୍ରତିମୂର୍ତ୍ତି ନିକଟରେ କଥାସମ୍ରାଟ ଫକୀରମୋହନ ଓ କୁଳବୃଦ୍ଧ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ବକ୍ତାମାନେ ସେମାନଙ୍କର ପୂର୍ବ ଦାବିକୁ ଦୋହରାଇ ଥିଲେ । ସେ ଅଞ୍ଚଳର ଅକ୍ଷୟ କୁମାର ନାୟକ ଓ ସଙ୍ଗୀତା ନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo